# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


- ବିବାଦୀୟ ଓ ଚର୍ଚ୍ଚିତ ରାଜ୍ୟସଭା ନିର୍ବାଚନ
- ଦିଲ୍ଲୀ ଚାହିଁଲେ ଦିଲୀପ ଜିତିବେ
- ତୁମକୁ ପାଇ ମୁଁ ଖୁସିରେ ପାଗଳ ଆଜି...
- ବଙ୍ଗ ଏସ୍‌ଆଇଆର୍: କିଏ ଘାଟାରେ ?
- ଘୋଡ଼ା ନହେଉଣୁ ବଦନାମ୍
- ଦିଲୀପ: ୨୪ ନହେଲେ ୩୦

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-16 09 MARCH - 15 MARCH 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୬ ୦୯ ମାର୍ଚ୍ଚ - ୧୫ ମାର୍ଚ୍ଚ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ନେତା ଯେବେ ବିକ୍ରି ହୁଅନ୍ତି...

କିଣାବିକା ରାଜନୀତି । ଗାଁରେ କୁଆଡ଼େ ଲୋକେ ପାଁଶହରୁ ହଜାରେ ନେଇ ଭୋଟ୍ ଦିଅନ୍ତି । ସରପଞ୍ଚରୁ ନେଇ ବିଧାୟକ ଯାଏଁ, ବିନା ଗାନ୍ଧୀମୁଣ୍ଡରେ ମକୁଟ ପିନ୍ଧିବାର ଚାନ୍ସ ହିଁ ନାହିଁ । ଯୁଗ ଯେତେ ବଦଳିଲେ ବି ଆଜି ମଧ୍ୟ ନିର୍ବାଚନ ଜିଣିବା ପାଇଁ ଅନ୍ଧାରୀ ବିଜେ ହୁଏ । ତମର ଯେତେ ଲୋକପ୍ରିୟତା ଥାଉ, ଦଳର ସଂଗଠନ ଯେତେ ମଜବୁତ୍ ଥାଉ, ଯେତେ ହାୱା ବି ତମ ସପକ୍ଷରେ ବହୁଥାଉ, ଅନ୍ଧାରୀ ବିଜେରେ ଗାନ୍ଧୀମୁଣ୍ଡ ନଦେଲେ ଜିତିବା ଶତ ପ୍ରତିଶତ ନିଶ୍ଚିତ ହୋଇପାରିବନି । ଇଏ ତ ଗଲା ଭୋଟରଙ୍କ କଥା । ଭୋଟର କିଣାବିକା ହୁଅନ୍ତି ବୋଲି ଚାରିଆଡ଼େ ହୁରି । ଅନେକ ନେତା ହାରିଗଲେ ଭୋଟରଙ୍କୁ ଗାଳି ଦିଅନ୍ତି । କିଏ ଟଙ୍କା ନେଇ ଠକିଦେଇଥାଏ ତ ଆଉ କିଏ ଅନ୍ୟଠୁ ଅଧିକ ଟଙ୍କା ନେଇ ସିଆଡ଼କୁ ଢଳି ଯାଇଥାଏ । ହେଲେ ଗୋଟିଏ ଯୁଗ ପରେ ପୁଣି ଥରେ ରାଜ୍ୟସଭା ନିର୍ବାଚନ ଭୋଟ୍ ହେଉଥିବାରୁ ଘୋଡ଼ାବେପାର ପାଇଁ ହୁଇସିଲ୍ ବାଜିଛି । ଗାଁ ଗହଳିରେ ଏବେ ତାକୁ ନେଇ ଜୋରଦାର ଚର୍ଚ୍ଚା । ତାଙ୍କ ଅଞ୍ଚଳରେ ବିଧାୟକ ଆଉ ଘୋଡ଼ା ହୋଇ ବିକ୍ରି ହୋଇଯିବେ କି? ଆଜିକାଲି ମା' ସରସ୍ୱତୀଙ୍କ ଠାରୁ ମା' ଲକ୍ଷ୍ମୀ ଯେତେବେଳେ ବହୁତ ଭାରି, ସେଥିରେ ଚକିତ ହେବାର କ'ଣ ଅଛି ଯେ...

# ଏୟୁଙ୍କ ରାଜ୍ୟସଭା କେଶ୍ ଓ ସୁପ୍ରିମକୋର୍ଟଙ୍କ ରାୟ୍

## ଏୟୁଙ୍କୁ ୩୫୦୦, ମନ୍ମଥଙ୍କୁ ୩୫୫୮ ଭୋଟ୍

୧୯୯୮ରେ ଏୟୁ ସିଂହଦେଓ ରାଜ୍ୟସଭା ନିର୍ବାଚନରେ ହାରି ଯାଇଥିଲେ। ସଂଖ୍ୟା ନଥାଇ ବି କଂଗ୍ରେସର ତୃତୀୟ ପ୍ରାର୍ଥୀ ମନ୍ମଥ ଦାସ ବାଜିମାତ୍ କରିଥିଲେ। ଏୟୁ ଏନେଇ ପ୍ରଥମେ ହାଇକୋର୍ଟ ଯାଇଥିଲେବି ନିରାଶ ହେବାରୁ ସୁପ୍ରିମକୋର୍ଟ ଯାଇଥିଲେ। ସୁପ୍ରିମକୋର୍ଟରେ ଦର୍ଶାଯାଇଥିଲାଯେ, ନିର୍ବାଚନରେ ଏୟୁ ସିଂହଦେଓ ୩୫୦୦, ରଙ୍ଗନାଥ ମିଶ୍ର ୪୦୦୦ ଓ ରାମଚନ୍ଦ୍ର ଖୁଣ୍ଟିଆ ୪୦୦୦ ଭୋଟ୍ ପାଇଥିଲେ। ତେବେ ସେଥର ନିର୍ବାଚନରେ ମୋଟ୍ ବୈଧ ଭୋଟ୍ ସଂଖ୍ୟା ଥିଲା ୧୪୨। ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ପାଇଁ ୩୫୫୧ ଭୋଟର ଆବଶ୍ୟକତା ଥିଲା। ସେହି ସମୟରେ ମନ୍ମଥଙ୍କୁ ମିଳିଥିଲା ୨୭୦୦ ଭୋଟ୍ । ରଙ୍ଗନାଥ ମିଶ୍ର ଓ ରାମଚନ୍ଦ୍ର ଖୁଣ୍ଟିଆ ନିର୍ଦ୍ଧାରିତ କୋଟା ଠାରୁ ଅଧିକ ଭୋଟ୍ ପାଇଥିଲେ ଓ ସେମାନଙ୍କୁ ଭୋଟ ଦେଇଥିବା ବିଧାୟକମାନେ ଦ୍ୱିତୀୟ ପସନ୍ଦ ଭୋଟ୍ ମନ୍ମଥ ଦାସଙ୍କୁ ଦେଇଥିଲେ। ତେଣୁ ଉଭୟଙ୍କ ବଳକା ଭୋଟ୍ ଅର୍ଥାତ୍ ୮୮୮ ଭୋଟ୍ ମନ୍ମଥଙ୍କୁ ଟ୍ରାନ୍ସଫର ହୋଇଥିଲା। ଫଳରେ ମନ୍ମଥଙ୍କ ଭୋଟ୍ ୩୫୫୮ ହେବାରୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଅପରପକ୍ଷରେ ଦ୍ୱିତୀୟ ରାଉଣ୍ଡରେ ଏୟୁଙ୍କୁ ଜମା ଭୋଟ୍ ମିଳିନଥିଲା।

ଏୟୁ ତାଙ୍କ ଯୁକ୍ତିରେ ଦର୍ଶାଇଥିଲେଯେ, ଭୋଟିଂ ସମୟରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବିଧାନସଭା ଚାମ୍ବରରେ ପ୍ରାର୍ଥୀ ଜଷ୍ଟିସ୍ ରଙ୍ଗନାଥ ମିଶ୍ର ବସିଥିଲେ। ଭୋଟିଂ ପୂର୍ବରୁ ସମସ୍ତ ବିଧାୟକଙ୍କୁ ଜାନକୀବାବୁ ଏକ କାଗଜ ଟୋକନ ଧରାଉଥିଲେ। ସେଥିରେ କିଭଳି ପ୍ରିଫେରନ୍ସ ଭୋଟ୍ ଦିଆଯିବ ଉଲ୍ଲେଖ କରାଯାଇଥିଲା। ସେହି ଟୋକନ୍ ଧରି ସେମାନେ ବୁଥକୁ ଯାଇ ଭୋଟ୍ ଦେଉଥିଲେ। ବୁଥରୁ ଏକ ନିର୍ଦ୍ଧାରିତ ଦୂରତାରେ ପ୍ରାର୍ଥୀମାନେ ରହିବା କଥା। ସେହିପରି ଜଷ୍ଟିସ୍ ମିଶ୍ର ସେହି ସମୟରେ ହ୍ୟୁମାନ ରାଇଟ କମିଶନର ଅଧ୍ୟକ୍ଷ ବି ଥିଲେ। ତେଣୁ ତାଙ୍କ ପ୍ରାର୍ଥୀପତ୍ର ନାକଚ କରାଯିବା ଉଚିତ୍ ଥିଲା ବୋଲି ଏୟୁ ଦର୍ଶାଇଥିଲେ । ରଙ୍ଗନାଥ ମିଶ୍ର କଂଗ୍ରେସର ହୋଇନଥିବାବେଳେ କ୍ରସ ଭୋଟିଂ ପାଇଁ ଜାନକୀବାବୁ ତାଙ୍କୁ ପ୍ରାର୍ଥୀ କରିଥିଲେ। କାହିଁକିନା କଂଗ୍ରେସର ୮୦ ସଦସ୍ୟ ଥିବାବେଳେ ବିରୋଧୀଙ୍କ ପାଖରେ ୬୬ ବିଧାୟକ ଥିଲେ। ଘୋଡ଼ାବେପାର ପାଇଁ ଏଭଳି କରାଯାଇଥିବାରୁ ଜଷ୍ଟିସ୍ ମିଶ୍ରଙ୍କ ନିର୍ବାଚନକୁ ବାତିଲ୍ କରାଯାଉ ବୋଲି ସେ କହିଥିଲେ। ସେହିପରି ବଳକା ଭୋଟ୍ ମନ୍ମଥଙ୍କ ଖାତାକୁ ଯାଇଥିବାରୁ ମଧ୍ୟ ଏୟୁ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ତାଙ୍କର କୌଣସି ଅଭିଯୋଗର ଯଥାର୍ଥତା ନାହିଁ ବୋଲି ଅପରପକ୍ଷ ଦର୍ଶାଇଥିଲେ। ସୁପ୍ରିମକୋର୍ଟ ବିଭିନ୍ନ ମାମଲା ଓ ରାଜ୍ୟସଭା ଭୋଟ୍ ଗଣତିର ଅନୁଧ୍ୟାନ କରିବା ପରେ ଏହି ଅପିଲକୁ ଖାରଜ କରିଦେଇଥିଲେ। ଅପରପକ୍ଷରେ ଏହି ଘଟଣାକୁ ନେଇ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ବିଷ୍ଣୁ ଦାସ, କଳ୍ପତରୁ ଦାସ, ସୂର୍ଯ୍ୟ ନାରାୟଣ ପାତ୍ର, ବିଜୟଶ୍ରୀ ରାଉତରାୟ ଓ ପ୍ରଭାତ ତ୍ରିପାଠୀ ପ୍ରମୁଖଙ୍କୁ ଦଳରୁ ନିଲମ୍ବନ କରିଥିଲେ ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।



## ବାବା ଅବ୍ଜର୍ଭାନନ୍ଦ

ଖବର ବାଜୁଛି ବିଧାୟକ ସବୁ
ହେଇଯିବେ କାଲେ ଘୋଡ଼ା,
ରାଜ୍ୟସଭା ପାଇଁ ହେଉଛି ଭୋଟ
ସାଜିବେ କି ଧରମଛଡ଼ା ।

ପକେଟ ନିଜର ଗରମ କରିବେ
ଖାଇବେ ଅଜସ୍ର ଟଙ୍କା,
ନିଜ ଦଳ ଆଉ ଦଳପତିଙ୍କର
ମୁହଁ କରିଦେବେ ବଙ୍କା ।

ସରକାରୀ ଦଳ ଫାଇଦା ମାରିବ
ଯେହେତୁ କ୍ଷମତା ଅଛି,
ବିରୋଧୀ ଶିବିରୁ ଭଲ ଭଲ ଘୋଡ଼ା
ନେବେ ପରା ସିଏ ବାଛି ।

ହୋଟେଲ ମାଲିକ ଡାକ୍ତରଙ୍କ ମଧ୍ୟେ
ହେବ ବଳ କଷାକଷି,
ନିରୀକ୍ଷଣ କରେ ରାଜଧାନୀ ଘୋଡ଼ା
ମାଷ୍ଟ୍ର କ୍ୟାଣ୍ଟିନରେ ବସି ।

ଆଗରୁ ବିଚରା ବିଧାନସଭାକୁ
କରିଥିଲା ପରା ମୁହଁ
ଆଗକୁ ବିଜେପି ପଛରେ କଂଗ୍ରେସ
କଲ ତାକୁ କିଆଁ କୁହ ।

ଭାବୁଛି ଏବେ ସେ ପଥରର ଘୋଡ଼ା
ଜୀବନ ଯାହାର ନାହିଁ,
ଜୀବିତ ମଣିଷ ନିଜ ସ୍ୱାର୍ଥ ପାଇଁ
ମୋ ନାଁ ନିଏ କାହିଁ ।



# ରାଜ୍ୟସଭା ନିର୍ବାଚନ ବିବାଦୀୟ ଓ ଚର୍ଚ୍ଚିତ

**ଏବେ ରାଜ୍ୟସଭା ଘୋଡ଼ାବେପାରକୁ ନେଇ ରାଜ୍ୟ ରାଜନୀତି ଉଠୁଛି ପଡୁଛି । ହେଲେ ଭାରତର ରାଜନୀତିକ ଇତିହାସରେ ଏକଥା ନୂଆ ନୁହେଁ । ଦେଶର ସବୁ ରାଜ୍ୟରେ ଏମିତି ଅନେକ ନଜିର ରହିଛି । ଅନେକ ରାଜ୍ୟରେ ଏମିତି ଘୋଡ଼ାବେପାର ହୋଇଥିଲା, ଯାହା ଶୁଣିଲେ ଆପଣ ଚକିତ ବି ହୋଇଯିବେ । ଦଳ ପ୍ରତି ବେଇମାନୀ କରି ବିଧାୟକମାନେ ଏମିତି ସ୍ବରକୁ ଖସି ଯାଇଥିଲେ, ବିଶ୍ବାସ ବି କରିପାରିବେନି । ଭୋଟ୍ ନାକଚ କରିବାର ନଘାଂ ତରିକା ବି ଆପଣାଇଥିଲେ । ଏମିତି କିଛି ବିବାଦୀୟ ଓ ଚର୍ଚ୍ଚିତ ରାଜ୍ୟସଭା ନିର୍ବାଚନକୁ ନେଇ ଆମର ଉପସ୍ଥାପନା ।**

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

## ଇତିହାସରେ ପ୍ରଥମ ଥର ନିର୍ବାଚନ ବାତିଲ

### ୨୦୧୨ ଝାଡ଼ଖଣ୍ଡ

ଭାରତର ରାଜ୍ୟସଭା ନିର୍ବାଚନ ଇତିହାସରେ ପ୍ରଥମ ଥର ପାଇଁ ମତଦାନ ପରେ ଏକ ନିର୍ବାଚନକୁ ବାତିଲ୍ କରି ଦିଆଗଲା । ୨୦୧୨ରେ ଝାଡ଼ଖଣ୍ଡ ରାଜ୍ୟସଭା ନିର୍ବାଚନରେ ବହୁ ଅନିୟମିତତାକୁ ଲକ୍ଷ୍ୟ କରିବା ପରେ ଭାରତୀୟ ନିର୍ବାଚନ କମିଶନ ଏତାଦୃଶ ନିଷ୍ପତ୍ତି ନେଇଥିଲେ ।

ସେହି ନିର୍ବାଚନରେ ଦୁଇଟି ରାଜ୍ୟସଭା ପଦବୀ ପାଇଁ ୭ ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲେ । ନିର୍ବାଚନରେ ସ୍ବାଧୀନ ପ୍ରାର୍ଥୀ ହୋଇଥିବା ଶିଳ୍ପପତି ଆରକେ ଅଗ୍ରୱାଲଙ୍କ ଭାଇଙ୍କ ଗାଡ଼ିରୁ ଅଢ଼େଇ କୋଟି ଜବତ କରାଯାଇଥିଲା । ଏହି ଘଟଣାରେ ତାଙ୍କୁ ଗିରଫ ବି କରାଯାଇଥିଲା । ଅବଶ୍ୟ ୧୪ ବର୍ଷର ଆଇନଗତ ଲଢ଼େଇ ପରେ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି ।

ସେହି ସମୟରେ ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ମଧ୍ୟରୁ ଗୋଟିଏ ଖାଲି ପଡ଼ିଥିବାବେଳେ ଜଣେ ଭୋଟ୍ ଦେଇନଥିଲେ । ତେବେ ୭୯ ଜଣ ଭୋଟ୍ ଦେଇଥିଲେବି ଜେଏମଏମର ବିଷ୍ଣୁ ଭୈୟା, କଂଗ୍ରେସର କେଏନ ତ୍ରିପାଠୀ ଓ ଆରଜେଡ଼ିର ସୁରେଶ ପାଶୱାନ ଅନଧିକୃତ ବ୍ୟକ୍ତିଙ୍କୁ ଜାଣିଶୁଣି ବାଲାଟ୍ ଦେଖାଇଥିଲେ । ସେହିପରି ସ୍ବାଧୀନ ପ୍ରାର୍ଥୀ ହେବାକୁ ଯାଉଥିବା ଏନଆରଆଇ ବ୍ୟବସାୟୀ ଅଂଶୁମାନ ମିଶ୍ରଙ୍କୁ ନେଇ ଏଲକେ ଆଡ଼ଭାନୀ ଓ ସୁଷମା ସ୍ବରାଜ ବି ପ୍ରଶ୍ନ ଉଠାଇଥିଲେ । ରାଜ୍ୟସଭା ନିର୍ବାଚନରେ ଏଭଳି ଅନେକ ଅନିୟମିତତା ସହିତ ବିଭିନ୍ନ ଦଳର ବରିଷ୍ଠ ନେତାମାନେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହେବାରୁ ଏହାକୁ ବାତିଲ୍ କରାଯାଇଥିଲା ।

ଗର୍ବିତ ଓଡ଼ିଆ

# ଅନ୍ୟ ପେନ୍‌ରେ ଭୋଟ୍ ଦେବାରୁ ୧୨ ଭୋଟ୍ ନାକଚ

## ୨୦୧୬ ହରିୟାଣା

ଏସେଲ ଗ୍ରୁପର ଅଧ୍ୟକ୍ଷ ଡକ୍ଟର ସୁଭାଷ ଚନ୍ଦ୍ରା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ତାଙ୍କ ବିପକ୍ଷରେ ଲଢୁଥିଲେ କଂଗ୍ରେସ ଓ ଆଇଏନଏଲଡ଼ିର ମିଳିତ ପ୍ରାର୍ଥୀ ଆରକେ ଆନନ୍ଦ । ସେହି ସମୟରେ ଆନନ୍ଦଙ୍କ ସପକ୍ଷରେ ୩୫ ବିଧାୟକଙ୍କ ଭୋଟ୍ ପଡ଼ିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ୧୨ କଂଗ୍ରେସ ବିଧାୟକଙ୍କ ଭୋଟ୍ ନାକଚ ହୋଇଯାଇଥିଲା । କାହିଁକିନା ରାଜ୍ୟସଭା ପାଇଁ ଦିଆଯାଇଥିବା କଲମ ବଦଳରେ ଅନ୍ୟ କଲମରେ ସେମାନେ ଭୋଟ୍ ଦେଇଥିଲେ । ଜଣେ ବିଧାୟକଙ୍କ ବାଲାଟ୍ ପୂରା ଫାଙ୍କା ଥିବାବେଳେ କଂଗ୍ରେସ ବିଧାୟକ ରଣଦୀପ ସିଂ ସୁର୍ଜେୱାଲା ତାଙ୍କ ଭୋଟ୍‌କୁ ଆଉ ଜଣେ ବିଧାୟକଙ୍କୁ ଦେଖାଇଥିଲେ । ଏହିପରି ଭାବେ ୧୪ ଭୋଟ୍ ନାକଚ ହେବାରୁ ଆନନ୍ଦଙ୍କୁ ମାତ୍ର ୨୧ ଭୋଟ୍ ମିଳିଥିଲା । ଯେତେବେଳେକି ଚନ୍ଦ୍ରାଙ୍କୁ ମାତ୍ର ୧୫ ଭୋଟ୍ ମିଳିଥିଲା ।

ଆନନ୍ଦଙ୍କଠାରୁ ୬ ଖଣ୍ଡ କମ୍ ପ୍ରଥମ ପସନ୍ଦ ଭୋଟ୍ ପାଇଥିଲେବି ଚନ୍ଦ୍ରା ଜିତିଥିଲେ । କାହିଁକିନା ହରିୟାଣା ବିଧାନସଭାରେ ୯୦ ବିଧାୟକ ଅଛନ୍ତି । ନିର୍ବାଚନରେ ବିଜେପି ନେତା ବୀରେନ୍ଦର ସିଂହଙ୍କୁ ୪୦ ଖଣ୍ଡ ଭୋଟ୍ ମିଳିଥିଲା । ତେବେ ୧୪ ଭୋଟ୍ ନାକଚ ହୋଇଯିବାରୁ ତାଙ୍କୁ ବିଜୟୀ ହେବାକୁ ୨୬ ଭୋଟର ଆବଶ୍ୟକତା ପଡ଼ିଥିଲା । ଫଳରେ ବୀରେନ୍ଦରଙ୍କ ପାଖରେ ବଳକା ୧୪ ଭୋଟ୍ ଥିଲା । ଚନ୍ଦ୍ରାଙ୍କୁ ବିଜେପି ବିଧାୟକମାନେ ଦ୍ୱିତୀୟ ପସନ୍ଦର ଭୋଟ୍ ଦେଇଥିବାରୁ ସେ ବଳକା ଭୋଟ୍ ପାଇ ବାଜିମାତ୍ କରିଥିଲେ ।

### ବେଙ୍ଗାଲୁର ରିସୋର୍ଟରେ ରହିଲେ କଂଗ୍ରେସର ୪୪ ବିଧାୟକ

# ଅନଧିକୃତ ବ୍ୟକ୍ତିଙ୍କୁ ସ୍ଲିପ ଦେଖାଇବାରୁ ୨ ଭୋଟ୍ ନାକଚ

## ୨୦୧୭ ଗୁଜରାଟ

**ରାତି ୨ଟାରେ ବାହାରିଲା ଫଳ**

ରାଜ୍ୟସଭା ନିର୍ବାଚନ ଆସିଲେ, ୨୦୧୭ ଗୁଜୁରାଟ ରାଜ୍ୟସଭା ନିର୍ବାଚନର ହାଇଡ୍ରାମା ମନେପଡ଼େ । ସେହି ସମୟରେ ବିଜେପି ଚାଣକ୍ୟ ଅମିତ ଶାହ ଓ କଂଗ୍ରେସ ଚାଣକ୍ୟ ଅହମ୍ମଦ ପଟେଲ ମୁହାଁମୁହିଁ ହୋଇଥିଲେ । ବିଜେପିରୁ ଶାହ ଓ ସ୍ମୃତି ଇରାନୀ ଏବଂ କଂଗ୍ରେସରୁ ପଟେଲ ରାଜ୍ୟସଭା ନିର୍ବାଚନ ଲଢ଼ିଥିଲେ । ବିଜେପି ଓ କଂଗ୍ରେସର ଯେତିକି ସଂଖ୍ୟା ଥିଲା ସେଥିରେ ସମସ୍ତେ ଆରାମରେ ଜିତି ପାରିଥା'ନ୍ତେ । କିନ୍ତୁ ପଟେଲଙ୍କୁ ଚେକ୍ ଦେବା ପାଇଁ ଶାହ ଗୋଟି ଚଳାଇଥିଲେ । ବିଜେପି ତୃତୀୟ ପ୍ରାର୍ଥୀ ଭାବେ ବଲୱନ୍ତ ସିଂ ରାଜପୁତଙ୍କୁ ମଇଦାନକୁ ଓହ୍ଲାଇଥିଲା । ବାସ୍ତବରେ ବଲୱନ୍ତ ଥିଲେ ବିଧାନସଭାରେ କଂଗ୍ରେସର ମୁଖ୍ୟ ସଚେତକ । ରାଜ୍ୟସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ବିଧାୟକ ସଂଖ୍ୟା ଥିଲା ୫୭ । କିନ୍ତୁ ନିର୍ବାଚନ ବେଳକୁ କଂଗ୍ରେସର ୧୩ ବିଧାୟକ ଇସ୍ତଫା ଦେଇଦେଲେ । ଏମିତିକି ବିରୋଧୀ ଦଳ ନେତା ଥିବା ଶଙ୍କରସିଂ ବାଘେଲା ବି ତାଙ୍କୁ ସମର୍ଥନ କରିନଥିଲେ । ଫଳରେ ପୋଚିଂ ହେବା ଆଶଙ୍କାରେ କଂଗ୍ରେସ ଏହାର ୪୪ ବିଧାୟକଙ୍କୁ ନେଇ ବେଙ୍ଗାଲୁରର ଏକ ରିସୋର୍ଟରେ ରଖିବାକୁ ବାଧ୍ୟ ହୋଇଥିଲା । ସେହି ସମୟରେ ବିହାରରେ ପ୍ରବଳ ବନ୍ୟା ହୋଇଥିଲେବି ବିଧାୟକମାନେ ଅନ୍ୟ ରାଜ୍ୟରେ ରହିଥିଲେ । ତେବେ ଭୋଟିଂ ସମୟରେ ସେହି ୪୪ ବିଧାୟକଙ୍କ ମଧ୍ୟରୁ ଦୁଇ ବିଧାୟକ କ୍ରସ୍ ଭୋଟିଂ କରିଥିଲେ । କିନ୍ତୁ ସେହି ଦୁଇ ବିଧାୟକ ଅନଧିକୃତ ବ୍ୟକ୍ତିଙ୍କୁ ଭୋଟ୍ ସ୍ଲିପ୍ ଦେଖାଇ ଦେବାରୁ ୨ ଭୋଟ୍ ନାକଚ ହୋଇଥିଲା । ଯାହାକି ପଟେଲଙ୍କ ପାଇଁ ଲାଭଦାୟକ ହୋଇଥିଲା । ତାହା ଯଦି ବିଜେପି ଖାତାକୁ ଯାଇଥା'ନ୍ତେ ତେବେ ସେ ଅକଳରେ ପଡ଼ି ଯାଇଥା'ନ୍ତେ । ସେହି ସମୟରେ ଜେଡ଼ିୟୁ ଓ ଏନସିପିର ଜଣେ ବିଧାୟକ ମଧ୍ୟ ପଟେଲଙ୍କୁ ଭୋଟ୍ ଦେଇ ପରାଜୟରୁ ରକ୍ଷା କରିଦେଇଥିଲେ ।

ଏହି ନିର୍ବାଚନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ବିଜେପି ଏଜେଣ୍ଟଙ୍କୁ ଭୋଟ୍ ସ୍ଲିପ ଦେଖାଇଥିବା ଦୁଇ କଂଗ୍ରେସ ବିଧାୟକଙ୍କ ଭୋଟ୍ ନାକଚ କରିବାକୁ କଂଗ୍ରେସ ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ କରାଯାଇଥିଲା । ଅପରପକ୍ଷରେ ବିଜେପିର ଅନେକ କେନ୍ଦ୍ରମନ୍ତ୍ରୀ ମଧ୍ୟ ସେହି ସମୟରେ ନିର୍ବାଚନ କମିଶନ ଅଫିସରେ ପହଁଚିଥିଲେ । ତେବେ ନିର୍ବାଚନ କମିଶନ ଦୁଇ ଭୋଟ୍ ନାକଚ ହେବବୋଲି କହିଥିଲେ । ଏଥିପାଇଁ ପ୍ରାୟ ୬ ଘଣ୍ଟା ଗଣତି ବିଳମ୍ବିତ ହୋଇଥିଲା । ରାତି ୨ଟାରେ ଯାଇ ଫଳାଫଳ ପ୍ରକାଶ ପାଇଥିଲା ।


ଗର୍ବିତ ଓଡ଼ିଆ ODIA WEEKLY • GARVIT ODIA

### ହାରିଲେ ସ୍ୱାଧୀନତା ସଂଗ୍ରାମୀ, ଜିତିଲେ ବେପାରୀ

# ନିର୍ବାଚନକୁ ଅସିଦ୍ଧ କରିଥିଲେ ସୁପ୍ରିମ୍‌କୋର୍ଟ

## ୧୯୬୪ ବିହାରରୁ ଆରମ୍ଭ ଘୋଡ଼ାବେପାର

୧୯୫୨ରୁ ଆରମ୍ଭ ହୋଇଥିଲା ରାଜ୍ୟସଭା ନିର୍ବାଚନ । ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ବେଶ୍ ରୁଦ୍ଧିମନ୍ତ ଥିଲା ଉଚ୍ଚ ସଦନ । ସେତେବେଳେ ପ୍ରାୟତଃ ଘୋଡ଼ା ବେପାର ନଥିଲା । ଦଳୀୟ ଆଧାରରେ ସମସ୍ତେ ମତଦାନ କରୁଥିଲେ । କିନ୍ତୁ ୧୯୬୪ରେ ବିହାର ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାର ଚର୍ଚ୍ଚା ଜୋର୍ ଧରିଥିଲା । ସେହି ସମୟରେ ସ୍ୱାଧୀନତା ସଂଗ୍ରାମୀ ତଥା ସାଂସଦ ଶୀଳ ଭଦ୍ରା ଯାଜୀ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ । ସେହି ସମୟରେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ବ୍ୟବସାୟୀ ରାଜେନ୍ଦ୍ର ପ୍ରସାଦ ଜୈନ । ଜୈନଙ୍କ ସପକ୍ଷରେ




କଂଗ୍ରେସ ବିଧାୟକମାନେ କ୍ରସ ଭୋଟିଂ କରିବାରୁ ଶୀଳ ଭଦ୍ରାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଏନେଇ ସେ କୋର୍ଟଙ୍କ ଦୁଆରକୁ ଯାଇଥିଲେ । କୋର୍ଟରେ ସେ କଂଗ୍ରେସର ଦୁଇ ବିଧାୟକ ଲାଞ୍ଚ ନେଇଥିବା କଥା ପ୍ରମାଣିତ ବି କରିଥିଲେ । ଜୈନ ଜଣେ ବିଧାୟକଙ୍କୁ ଟଙ୍କା ଦେଇ ପ୍ରଥମ ପସନ୍ଦ ଭୋଟ୍ ନେଇଥିବା କଥା ପ୍ରମାଣିତ ହୋଇଥିଲା । ପ୍ରାୟ ତିନି ବର୍ଷ ଧରି ସୁପ୍ରିମକୋର୍ଟରେ ଏହି ମାମଲା ଚାଲିଥିଲା । ୧୯୬୭ରେ ସେ ଜୈନଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ । ଏହାଥିଲା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ରାଜ୍ୟସଭା ନିର୍ବାଚନ ଅସିଦ୍ଧ ହେବାର ପ୍ରଥମ ଘଟଣା ।

# ଭୋଟ୍ ସମାନ ହେଲେ ଲଟେରୀ


ରାଜ୍ୟସଭାରେ ଯଦି ଦୁଇ ପ୍ରତିଦ୍ୱନ୍ଦ୍ୱୀ ସମାନ ଭୋଟ୍ ପାଆନ୍ତି ତେବେ ଲଟେରୀ ମାଧ୍ୟମରେ ହାରଜିତ୍ ନିର୍ଦ୍ଧାରଣ କରାଯାଇଥାଏ । ୨୦୨୪ ଫେବୃଆରୀ ୨୭ରେ ହିମାଚଳ ପ୍ରଦେଶ ରାଜ୍ୟସଭା ନିର୍ବାଚନରେ କଂଗ୍ରେସର ଅଭିଷେକ ମନୁ ସିଂହଭୀ ଓ ବିଜେପିର ହର୍ଷ ମହାଜନ ମୁହାଁମୁହିଁ ହୋଇଥିଲେ । କଂଗ୍ରେସ ବିଧାୟକମାନେ କ୍ରସ ଭୋଟିଂ କରିବାରୁ ସିଂହଭୀ ଓ ମହାଜନଙ୍କୁ ସମାନ ୩୪ ଖଣ୍ଡ ଭୋଟ୍ ମିଳିଥିଲା । ରାଜ୍ୟସଭା ନିର୍ବାଚନ ପଦ୍ଧତିର ସବୁ ନିୟମାବଳୀ ଆଧାରରେ ଭୋଟ୍ ସମାନ ହେବାରୁ ଲଟେରୀ ମାଧ୍ୟମରେ ବିଜେତା ଘୋଷଣା କରିଥିଲେ ରିଟର୍ଣ୍ଣିଂ ଅଫିସର । ନିର୍ବାଚନରେ ହାରିଯିବାରୁ ସିଂହଭୀ ଏହି ନିର୍ବାଚନକୁ ହିମାଚଳ ପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ।

# କି ବାର୍ତ୍ତା ଦେବ ରାଜ୍ୟସଭା ନିର୍ବାଚନ

**୨୦୧୪ରେ ଶେଷ ଥର ପାଇଁ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ହୋଇଥିଲା । ଏହା ପରଠାରୁ ଆଉ ନିର୍ବାଚନ ହୋଇନି । ସବୁଥର ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚନ ହୋଇଆସୁଥିଲା । ପ୍ରାୟତଃ ବିଜେଡ଼ି ହିଁ ଜିତିଆସୁଛି । ଅବଶ୍ୟ ଅଶ୍ୱିନୀ ବୈଷ୍ଣବ ଥିଲେ ବ୍ୟତିକ୍ରମ । ବିଜେପିର ସଂଖ୍ୟା ନଥିଲେବି ବିଜେଡ଼ି ସହଯୋଗରେ ସେ ରାଜ୍ୟସଭାକୁ ଦୁଇ ଦୁଇ ଥର ନିର୍ବାଚିତ ହୋଇପାରିଛନ୍ତି । ଏହାକୁ ଛାଡ଼ିଦେଲେ ସେମିତି କିଛି ଓଲଟବିଲଟ ହୋଇନି । ଏଥର କିନ୍ତୁ ରାଜ୍ୟସଭା ନିର୍ବାଚନ ରାଜ୍ୟ ରାଜନୀତିକୁ ଅନେକ ବାର୍ତ୍ତା ଦେବ । ଦତ୍ତେଶ୍ୱର-ଦିଲ୍ଲୀପଙ୍କ ଲଢ଼େଇର ଫଳାଫଳ ଆଗାମୀ ରାଜ୍ୟ ରାଜନୀତିର ଦିଶା ବି ବଦଳାଇପାରେ ।**

## ଯଦି ଦତ୍ତେଶ୍ୱର ଜିତନ୍ତି

### ଅସନ୍ତୁଷ୍ଟଙ୍କ ବିଷ ଦାନ୍ତ ଭାଙ୍ଗିବ



ଡାକ୍ତର ଦତ୍ତେଶ୍ୱର ହୋତା କାହାର ପ୍ରାର୍ଥୀ? ବିଜେଡ଼ି ନା କଂଗ୍ରେସ? କିଛି ସମୟ ପାଇଁ ଏମିତି ଏକ ଚର୍ଚ୍ଚା ହୋଇଥିଲା । କାହିଁକିନା ପିସିସି ସଭାପତି ଭକ୍ତ ଚରଣ ଦାସ ଦିଲ୍ଲୀ ଯିବା ପୂର୍ବରୁ ଯେଉଁ ୫ ଗୁଗୁଲି ଛାଡ଼ିଥିଲେ ସେଥିରେ ଡାକ୍ତର ହୋତାଙ୍କ ନାମ ଥିଲା । ନବୀନ ବାବୁ କିନ୍ତୁ ନବୀନ ନିବାସରେ ଡାକ୍ତର ହୋତାଙ୍କୁ କମନ୍ ପ୍ରାର୍ଥୀ ବୋଲି ଘୋଷଣା କରିଥିଲେ । ସେତେବେଳେ ପ୍ରଶ୍ନ ଉଠିଥିଲା, ଯଦି କମନ ପ୍ରାର୍ଥୀ ତେବେ ଉଭୟ ଭକ୍ତ ଓ ନବୀନ କାହିଁକି ଘୋଷଣା କରିନଥିଲେ । ତେବେ ଯାହାହେଉ ବିଜେପିକୁ ମାତ୍ ଦେବାକୁ ସଂକଳ୍ପବଦ୍ଧ ଭକ୍ତ ବାବୁ ସବୁଥିରେ ରାଜି ହେବାକୁ ବାଧ ହୋଇଥିଲେ ।

ସଂଖ୍ୟା ଗଣିତ କହୁଛି ଦତ୍ତେଶ୍ୱର ବାବୁ ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ରଙ୍କ ଠାରୁ ବି ଅଧିକ ଭୋଟ୍ ପାଇବେ । କାହିଁକିନା ବିଜେଡ଼ିର ବଳକା ୧୮, କଂଗ୍ରେସର ୧୪ ଓ ସିପିଏମର ଜଣେ ବିଧାୟକଙ୍କ ସମର୍ଥନ ରହିଛି । ଯଦି ଦତ୍ତେଶ୍ୱର ୩୩ ଭୋଟ୍ ହାତେଇପାରିବେ ତେବେ ନବୀନ ଓ ଭକ୍ତଙ୍କର ରାଜନୀତିକ ଲାଭ ହେବ । ଆଜିକାଲି ଦୁଇ ଦଳରେ ଅନେକ ବିଦ୍ରୋହୀ ବାହାରିଗଲେଣି । ବିଜେଡ଼ିରେ ଏମିତି ବି ମଝିରେ ମଝିରେ ଭୋଜିଭାତର ଆସର ଜମୁଛି । ଯଦି ବିଜେଡ଼ିର ୧୮ ବଳକା ବିଧାୟକ ଦତ୍ତେଶ୍ୱରଙ୍କୁ ଭୋଟ୍ ଦିଅନ୍ତି ଦଳରେ ଆଉ ଅସନ୍ତୋଷର ଝଡ଼ ବହିବନି । ସେହିପରି ଭକ୍ତଙ୍କ ବିରୋଧରେବି ଏବେ ଗଣ୍ଡାଏ କଂଗ୍ରେସ ବିଧାୟକ ଖପ୍ପା । ଯଦି କଂଗ୍ରେସ ବିଧାୟକ ହ୍ୱିପ୍ ନମାନନ୍ତି ତେବେ ସେମାନଙ୍କୁ ନିଲମ୍ବନ କରି ଭକ୍ତବାବୁ ପ୍ରତିଶୋଧ ନେଇପାରିବେ । ଆଉ ଯଦି ସେମାନେ ଦତ୍ତେଶ୍ୱରଙ୍କୁ ଭୋଟ୍ ଦିଅନ୍ତି ତେବେ ଭକ୍ତ ବିରୋଧୀମାନଙ୍କ ମୁହଁ ବନ୍ଦ ହୋଇଯିବ । ଗାଏମୋଟ୍ କହିଲେ ଆଉ କିଛି ହେଉବା ନହେଉ, ଦତ୍ତେଶ୍ୱର ଜିତିଲେ ବିଜେଡ଼ି ଓ କଂଗ୍ରେସରେ କୁହୁଳୁଥିବା ଅସନ୍ତୋଷ ଥମିଯିବ ।

## ଯଦି ଦିଲ୍ଲୀପ ଜିତନ୍ତି

### ବଢ଼ିବ ମୋହନ-ମନମୋହନଙ୍କ ଖାତିର



ଚବିଶ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବାଜିମାତ୍ କରିବା ପରେ ଡାର୍କହର୍ସ ଭାବେ ଉଭା ହୋଇଥିଲେ ମୋହନ ଚରଣ ମାଝୀ । ଦଳର ବହୁ ଟାଣୁଆ ନେତାଙ୍କୁ ପଛରେ ପକାଇ ସେ ହୋଇଥିଲେ ମୁଖ୍ୟମନ୍ତ୍ରୀ । ଇଣ୍ଡିଆ ଟୁଡ଼େ ରିପୋର୍ଟକୁ ବିଶ୍ୱାସକୁ ନେଲେ ମୋହନଙ୍କ ପାଇଁ ହିଁ ମନମୋହନ ସାମଲ ପୁଣିଥରେ ରାଜ୍ୟ ସଭାପତି ହୋଇପାରିଛନ୍ତି । ମୋହନ-ମନମୋହନଙ୍କ ଯୋଡ଼ିର ପ୍ରଥମ ପରୀକ୍ଷା ଥିଲା ନୂଆପଡ଼ା । ନୂଆପଡ଼ାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବବୋଲି ମନେ କରାଯାଉଥିଲେବି ବିଜେପି କିନ୍ତୁ ରେକର୍ଡ଼ ମାର୍ଜିନରେ ବାଜିମାତ୍ କରିଥିଲା । ନବୀନ ବାବୁ ମଇଦାନକୁ ଓହ୍ଲାଇଥିଲେବି ବିଜେଡ଼ିକୁ ତିନି ନମ୍ବରରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା । ଯଦିଓ ବିଜେପିର ବିଶାଳ ବିଜୟ ପଛରେ ଅନେକ କାରକ ରହିଛି, ତଥାପିବି ମୋହନ-ମନମୋହନଙ୍କ ରଣନୀତିର ସୁଫଳକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏବେ ଦିଲ୍ଲୀପ ରାୟ ବିଜେପି ସହଯୋଗରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନକୁ ଓହ୍ଲାଇଛନ୍ତି । ଭକ୍ତ-ନବୀନ ଯେଉଁ ଆହ୍ୱାନ ଦେଇଛନ୍ତି ତାହାର ମୁକାବିଲା ପାଇଁ ଦିଲ୍ଲୀପଙ୍କୁ ସାମ୍ନାକୁ ଆଣିଛନ୍ତି ମୋହନ । ରାଜନୀତିକ ଅଳିନ୍ଦରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ମୋହନ ଗତ କିଛିଦିନ ଧରି ଫୁଲ ଦମ୍‌ରେ ଲାଗି ପଡ଼ିଛନ୍ତି । ୨୦୦୨ ଓ ଆଜିକାର ଭୋଟ ଅଙ୍କ ଅଲଗା ଥିବାବେଳେ ଭୋଟର ତରିକା ସିକ୍ରେଟରୁ 'ଓପନ' ହୋଇଯାଇଛି । ଏଭଳି ଏକ ଜଟିଳ ସ୍ଥିତିରେ ଦିଲ୍ଲୀପ ଜିତିଲେ, ଏହାର ଶ୍ରେୟ ତାଙ୍କୁ ଯେତିକି ଯିବ, ମୋହନ-ମନମୋହନଙ୍କୁ ମଧ୍ୟ ସେତିକିଯିବ । ଦିଲ୍ଲୀରେ ମଧ୍ୟ ଉଭୟ ମୋହନ-ମନମୋହନଙ୍କ ଖାତିର ପୂର୍ବାପେକ୍ଷା ବଢ଼ିଯିବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

ଗର୍ବିତ ଓଡ଼ିଆ

# ଦିଲ୍ଲୀ ଚାହିଁଲେ ଦିଲୀପ ଜିତିବେ

## ‘ଘୋଡ଼ା’ଙ୍କୁ ଦରକାର ଡବଲ ଥୋପ

ରାଜ୍ୟସଭା ରେସ୍‌କୁ ଆସି ଚର୍ଚ୍ଚା ସୃଷ୍ଟି କରିଛନ୍ତି ଦିଲୀପ ରାୟ। ୨୦୦୨ରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚ୍ୟାଲେଞ୍ଜ ଦେଇ ବାଜିମାତ୍ କରିଥିବା ଦିଲୀପ ଏଥର ବି ଜିତିବା ନେଇ ଆଶାବାଦୀ ରହିଛନ୍ତି। କିନ୍ତୁ ସେଦିନର ନିର୍ବାଚନ ଆଉ ଏବେକାର ନିର୍ବାଚନ ଭିନ୍ନ। ସେତେବେଳେ ସିକ୍ରେଟ୍ ବାଲାଟ୍ ଥିବାବେଳେ ଏବେ ଓପନ ବାଲାଟ୍ ରହିଛି। ସିକ୍ରେଟ୍ ବାଲାଟରେ କ୍ରସଭୋଟିଂ ସହଜ ଥିବାବେଳେ ଓପନ ବାଲାଟ୍‌ରେ ତାହା ଅତ୍ୟନ୍ତ ଜଟିଳ । କାହିଁକିନା ଯିଏ କ୍ରସ ଭୋଟିଂ କରିବ ତାହା ଜଣା ପଡ଼ିଯିବ। ସେହିଦଳରେ ତା’ର ରାଜନୀତି ସରିଯିବ କହିଲେ ଭୁଲ୍ ହେବନାହିଁ। ଏଭଳି କ୍ଷେତ୍ରରେ କ୍ରସ୍ ଭୋଟିଂ କରିବାକୁ ହେଲେ ବିଧାୟକଙ୍କୁ ଡବଲ ଥୋପ ଦେବାକୁ ପଡ଼ିବ। ଗୋଟିଏ ଥୋପ ଦିଲୀପଙ୍କ ପାଖରେ ଥିବାବେଳେ ଆଉ ଏକ ଥୋପ କିନ୍ତୁ ଦିଲ୍ଲୀ ହାତରେ ରହିଛି।



ଦିଲୀପ ବିଜେପି ସମର୍ଥିତ ପ୍ରାର୍ଥୀ ହୋଇଥିବାରୁ ତାଙ୍କ ପାଖରେ ୨୨ ବିଧାୟକଙ୍କ ସମର୍ଥନ ବା ୨୨ ଭୋଟ୍ ରହିଛି। ଜିତିବା ପାଇଁ ଆଉ ୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ବିଜେଡ଼ିରୁ ନିଲମ୍ବିତ ହୋଇଥିବା ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ଭୋଟକୁ ହିସାବକୁ ନେଲେ ତାହା ୨୪ ହେବ । କିନ୍ତୁ ବାକି ସମର୍ଥନ ହାସଲ ପାଇଁ କଂଗ୍ରେସ ଓ ବିଜେଡ଼ି ବିଧାୟକଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ । ଦୁଇ ଦଳର ଯେଉଁ ବିଧାୟକ କ୍ରସ ଭୋଟିଂ କରିବେ ତାହା ଜଣାପଡ଼ିଯିବ । ଯଦିଓ ତାଙ୍କର ପଦନଯିବ, ତଥାପିବି ଦଳରୁ ନିଲମ୍ବିତ ହେବେ। ଦଳର ଇଜ୍ଜତ ତଳେ ପକାଇଥିବାରୁ ତାଙ୍କୁ ୨୦୨୯ରେ ଟିକେଟ ବି ମିଳିବନି। ଆଜିକାଲି ବିଧାୟକଙ୍କ ପାଇଁ ଟଙ୍କାଟା ବଡ଼ କଥା ନୁହେଁ । କାହିଁକିନା ବିଧାୟକ ଭାବେ ନିର୍ବାଚନ ଲଢ଼ି ଜିତିବାକୁ ହେଲେ ପାଖାପାଖି ୫ କୋଟିରୁ ୧୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଅର୍ଥାତ୍ ସବୁ ବିଧାୟକଙ୍କ ପାଖରେ ଏତିକି ଟଙ୍କା ଅଛି ନଚେତ୍, ନିର୍ବାଚନ ବେଳେ ସହଯୋଗ ପାଇଁ ଅନେକ ଆର୍ଥିକ ଶକ୍ତିଙ୍କର ବି ହାତ ରହିଛି । ଜଣେ ନେତାଙ୍କର ଟଙ୍କା ଅପେକ୍ଷା କ୍ଷମତା ବା ପଦବୀର ଆବଶ୍ୟକତା ରହିଛି । କ୍ରସ ଭୋଟିଂ ପାଇଁ ବିଧାୟକ ବା ଘୋଡ଼ା ବେପାରର ‘ଘୋଡ଼ା’ଙ୍କୁ ଟଙ୍କା ସହ ଟିକେଟ୍ ବି ଦରକାର। ଆଗାମୀ ନିର୍ବାଚନରେ ତାଙ୍କୁ ନିଜ ଦଳ ଟିକେଟ ଦେବାର ନଥିବାରୁ ସେମାନେ ବିଜେପି ଟିକେଟ ପାଇବାକୁ ଆଶା ରଖିଛନ୍ତି। ଅର୍ଥାତ୍ ଟଙ୍କା ସହ ବିଜେପି ଟିକେଟ ମିଳିଲେ ଯାଇହିଁ ଜଣେ ବିଧାୟକ ଦଳଦ୍ରୋହୀ କାମ କରିବ । ଆଉ ରହିଲା ନିର୍ବାଚନମଣ୍ଡଳୀର ଅସନ୍ତୁଷ୍ଟ କଥା । ଏମିତିକି ଅନେକ ନେତା ୨୦୨୪ ନିର୍ବାଚନ ବେଳେ ଦଳ ବଦଳାଇଛନ୍ତି। ତଥାପିବି ଦଳ ବଦଳାଇ ଜିତିବାର ନଜିର ରହିଛି । ତେଣୁ କର୍ମୀ କ’ଣ ଭାବିବେ ସେଇଟା ବଡ଼ କଥା ନୁହେଁ। ନେତା ଯୁଆଡ଼େ, ସାଧାରଣତଃ କର୍ମୀ ମଧ୍ୟ ସେଇଆଡ଼କୁ ଢଳିବେ ।

ଗାଏମୋଟ୍ କହିଲେ ଦିଲୀପଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ବିଜେପି ଟିକେଟ୍ । ଯେଉଁ ବିଧାୟକମାନେ କଂଗ୍ରେସ କିମ୍ବା ବିଜେଡ଼ିକୁ ବିଦ୍ରୋହ କରି ଦିଲୀପଙ୍କୁ ଭୋଟ୍ ଦେବେ ସେମାନେ ଏଭଳି ସର୍ତ୍ତ ରଖିବା ସ୍ୱାଭାବିକ। ଏଭଳି ସର୍ତ୍ତପୂରଣର ଅଧିକାର ରାଜ୍ୟ ବିଜେପି ପାଖରେ ନାହିଁ । ବିଜେପି ଏକ ଜାତୀୟ ଦଳ ହୋଇଥିବାରୁ ସବୁ ନିଷ୍ପତ୍ତି ଦିଲ୍ଲୀରେ ହିଁ ହୋଇଥାଏ। ଯଦି ଦିଲ୍ଲୀ ନେତୃତ୍ୱ ଟିକେଟ ଦେବାକୁ ଭରସା ଦେବେ ତେବେଯାଇ ଜଣେ ନେତା ନିଆଁକୁ ଡେଇଁବାକୁ ରାଜି ହେବ ।

ଦିଲୀପଙ୍କ ପାଇଁ ବଡ଼ ଭରସା ହେଉଛନ୍ତି ମୋହନ ଓ ମନମୋହନ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ଦିଲୀପଙ୍କ ପାଇଁ ଖୁବ୍ ଦମ୍‌ରେ ଲାଗି ପଡ଼ିଛନ୍ତି । ମୋହନ ଓ ମନମୋହନ ଗୋଟି ଚଳାଇବା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଏମିତିବି ବିଜେଡ଼ିର ଅନେକ ନେତା ଯୋଗସୂତ୍ରରେ ଥିବା ଚର୍ଚ୍ଚା ହୁଏ । ଯଦି ବିଜେପି ପକ୍ଷରୁ ‘ଅପରେସନ ଲୋଟସ’ ଆରମ୍ଭ ହେବ ତାହେଲେ ଯାଇହିଁ ଦିଲୀପ ଜିତିପାରିବେ । ଅନ୍ୟ ରାଜ୍ୟରେ ରାଜ୍ୟସଭା ନିର୍ବାଚନ ଜିତିବାକୁ ବିଜେପି ଯେଉଁ ତରିକା ଆପଣାଇବାର ନଜିର ରହିଛି, ଯଦି ସେହି ତରିକା ଆପଣାଇବ ତାହେଲେ ହିଁ ଦିଲୀପଙ୍କୁ ସହାୟକ ହୋଇପାରିବ। କିନ୍ତୁ ବିଜେପି କେତେ ଗୁରୁତର ସହ ଦିଲୀପଙ୍କୁ ଜିତାଇବାକୁ ଲାଗୁଛି ତାହା ଦଳର କାର୍ଯ୍ୟଧାରାରୁ ହିଁ ଜଣାପଡ଼ିବ ।

### ମନମୋହନ ରାଜ୍ୟସଭା ଗଲେ...

# ଚାନ୍ଦବାଲିର କ’ଣ ହେବ?

ମନମୋହନ ସାମଲ ରାଜ୍ୟସଭା ଯିବା ନିଶ୍ଚିତ ହୋଇଯାଇଛି । ଚବିଶ ନିର୍ବାଚନରେ ବିଜେପିକୁ ସରକାରକୁ ଆଣିବା ହେଉ ଅବା ନୂଆପଡ଼ାରେ ଦଳକୁ ଏକପାଖିଆ ବିଜୟୀ କରିବାରେ ତାଙ୍କର ଭୂମିକା ରହିଛି। ତେବେ ମନମୋହନ ଦିଲ୍ଲୀ ନଯାଉଣୁ ଚାନ୍ଦବାଲିର ନେତୃତ୍ୱ କିଏ ନେବେ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। ଗୋଟେ ବଡ଼ କାଗଜରେ ଖବର ବାହାରିଛି, ମନମୋହନ କୁଆଡ଼େ ଆଉ ଚାନ୍ଦବାଲି ମାଟି ମାଡ଼ିବାକୁ ଚାହୁଁନାହାନ୍ତି। ଚାନ୍ଦବାଲିବାସୀ ବାରମ୍ବାର ଧୋକ୍କା ଦେଉଥିବାରୁ ତାଙ୍କର ମନ ଛିଣ୍ଡିଯାଇଛି। ଏମିତିକି ଆଜିକାଲି ସୋସିଆଲ ମିଡ଼ିଆ ବାଲା ତ ମିଡ଼ିଆ ବାଲାଙ୍କୁ ପଛରେ ପକାଇ ସାରିଲେଣି। ସୋସିଆଲ ମିଡ଼ିଆରେ ଏବେ ଚାନ୍ଦବାଲିର ନେତୃତ୍ୱ ନେବାକୁ ଥିବା ତିନି ସମ୍ଭାବ୍ୟ ଯୁବନେତାଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି। ମନମୋହନଙ୍କ ଖାସ୍ ଅନୁଗତ ହେଉଛନ୍ତି ରୁଦ୍ର ପ୍ରତାପ ମହାନ୍ତି। ସେ କୁଆଡ଼େ ଦାରୁବ୍ରହ୍ମ ପ୍ରଡ଼କ୍ସନର ମାଲିକ ଥିବାରୁ ଅନେକ ଅଭିନେତା ଅଭିନେତ୍ରୀଙ୍କୁ ବିଜେପିରେ ମିଶାଇ ସାମଲଙ୍କ ହାତକୁ ମଜବୁତ୍ କରିଥିଲେ। ସେହିପରି ମିତ୍ରଭାନୁ ଦାସ ବା ଅଗସ୍ତି ଚାନ୍ଦବାଲିରେ ବିଜେପି ଶୂନ ଥିବା ସମୟରେ ଦଳର ବାହୁବଳ ଭାବେ ମଜବୁତ୍ କରିଥିଲେ। ଆଉ ଜଣେ ନେତା ହେଉଛନ୍ତି ପ୍ରିୟରଞ୍ଜନ ଜେନା। ତିନି ଥର ସରପଞ୍ଚ ହୋଇ ସେ ବିଜେଡ଼ିକୁ କାଉଣ୍ଟର କରି ଚର୍ଚ୍ଚାରେ ରହିଥିଲେ।



ହେଲେ ଆଞ୍ଚା ଜଣେ ନେତା ରାଜ୍ୟସଭା ଯିବେମାନେ କ’ଣ ରାଜ୍ୟରୁ ପଳାଇବେ । ଅତୀତରେ ପରା ମନମୋହନ ବାବୁ ଥରେ ରାଜ୍ୟସଭାକୁ ଯାଇଥିଲେ । ପୁଣି ସେ ଧାମନଗରରୁ ନିର୍ବାଚନ ଲଢ଼ି ମନ୍ତ୍ରୀ ହୋଇଥିଲେକି ନାହିଁ । ଏବେ ମନମୋହନ ଯଦି କେଉଁ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ବସି ପଡୁଛନ୍ତି ସାଙ୍ଗେସାଙ୍ଗେ ବିରୋଧୀ ପଚାରୁଛନ୍ତି ସେ କିଏ? ସେ କାଇଁ ସରକାରୀ କାର୍ଯ୍ୟକ୍ରମରେ ବସିବେ । କିନ୍ତୁ ରାଜ୍ୟସଭା ସାଂସଦ ହେବାପରେ ଆଉ ଏକଥା କେହି ଉଠାଇବେନି। ବିଜେଡ଼ିରୁ ପରା ପ୍ୟାରୀବାବୁ ସେମିତିକା ରଣନୀତି କରି ନବୀନ ବାବୁ, ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ବସୁଥିଲେ । ଅବଶ୍ୟ ଚାନ୍ଦବାଲିବାସୀ ଚବିଶରେ ମନମୋହନଙ୍କୁ ଧୋକ୍କା ଦେଇ ଭୁଲ୍ କରିଛନ୍ତି । ନହେଲେ ଆଜି ଚାନ୍ଦବାଲି ମୁଣ୍ଡରେ ମୁକୁଟ ଥାଆନ୍ତା।



# ତୁମକୁ ପାଇ ମୁଁ ଖୁସିରେ ପାଗଳ ଆଜି...

ତୁମକୁ ପାଇ ମୁଁ ଖୁସିରେ ପାଗଳ ଆଜି... ଓଡ଼ିଶା ଜାଣିଲା ଜିତିଲି ରାଜନୀତି ବାଜି... ମନ ହୁଏ, ହୁକୁହୁକୁ ହାଏ...। ଆଜ୍ଞା ନବୀନଙ୍କୁ ପାଖରେ ପାଇ ଭକ୍ତବାବୁ ଖୁସିରେ ଏବେ ଏମିତି ଗୀତ ଗାଉଛନ୍ତି।

ସହଜେ ତ ପିସିସି ସଭାପତି ଭକ୍ତ ଚରଣ ଦାସ ବିଭିନ୍ନ ପ୍ରସଙ୍ଗରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହଯୋଗ ଲୋଡ଼ି ଆସୁଥିଲେ। ବିଧାନସଭାରେ ଅନାସ୍ଥା ପ୍ରସଙ୍ଗ ହେଉ ଅବା ରାଜ୍ୟସଭାରେ ଏକାଠି ଲଢ଼ିବା କଥା ହେଉ। ଏମିତିବି ଅନାସ୍ଥା ପ୍ରସଙ୍ଗରେ ନବୀନ ବାବୁ କଂଗ୍ରେସର ଚାଲକୁ ଭଣ୍ଡୁର କରିଦେଇଥିଲେ। କିନ୍ତୁ ରାଜ୍ୟସଭା ପ୍ରସ୍ତାବକୁ ଗ୍ରହଣ କରିନେଇଥିବାରୁ ଭକ୍ତଙ୍କ ଦିଲ୍ ଖୁସ ହୋଇଯାଇଛି। ଖୁସି ହେବେନି କେମିତି? ନବୀନଙ୍କ କମନ୍ କ୍ୟାଣ୍ଡିଡେଟ ନାଟକର ଅସଲ ଲେଖକ ଓ ନିର୍ଦ୍ଦେଶକ ହେଉଛନ୍ତି ଭକ୍ତ। ଭକ୍ତ କହିବା ପରେ ମଲ୍ଲିକାର୍ଜୁନ ଖାଡ଼ଗେ ନବୀନଙ୍କୁ ଫୋନ୍ କରି କଥା ହେଲେ। ଏମିତିବି ବିଜେପି ବାଲାଙ୍କ ଉପରେ ନବୀନଙ୍କର ମଞ୍ଜୀ ରାଗ ରହିଛି। ସୁଜିତ୍ କୁମାର ଓ ମମତା ମହନ୍ତଙ୍କୁ ବିଜେପି ନେବା ପରେ ଆଉ ମୋଦି-ଶାହଙ୍କ ଉପରେ ନବୀନଙ୍କ ଭରସା ନାହିଁ। ଏଇ ମଉକାରେ ଦତ୍ତେଶ୍ୱର ଜିତିଗଲେ ନବୀନଙ୍କର କେତେ ଲାଭ ହେବ ଅଲଗା କଥା, ହେଲେ ଭକ୍ତଙ୍କର ଫାଇଦା ହିଁ ଫାଇଦା। ରାହୁଲଙ୍କ ଆଖିରେ ସେ ହେବେ ହିରୋ। ସେପଟେ ତାଙ୍କ ବିରୋଧୀ ଆଉ ଅସନ୍ତୁଷ୍ଟିଆମାନେ ହୋଇଯିବେ ଜିରୋ। ହେଲେ ଭକ୍ତବାବୁ, ନବୀନ ଭାରି ଚାଲାକ ଲୋକ। ଅତୀତରେ ସେ ବିଜେପି ସହ ମେଣ୍ଟ କରି ଏମିତି ଚାଲ୍ କଲେଯେ, ୨୦୦୯ରେ ବିଜେପି କୁଆଡ଼େ ହଜିଗଲା। ଠିକ୍ ସେମିତି ଏବେଠୁ ମେଣ୍ଟ ସ୍ୱପ୍ନ ଦେଖିଲେ ୨୦୨୯ରେ 'ହାତ' ବି ହଜିଯିବ।

ରାଜନୀତିଆ ଲୋକ କୁହନ୍ତି, ଲାଭ ଯୁଆଡ଼େ, ନବୀନ ସିଆଡ଼େ। ୨୦୦୮ରେ ଦରକାର ପଡ଼ିଲା ବୋଲି ସୋନିଆଙ୍କୁ ଫୋନ୍ କରି ରାଜ୍ୟପାଳ ଶାସନକୁ ଅଟକାଇ ଦେଇଥିଲେ। ତା'ପରେ ବଡ଼ କଂଗ୍ରେସିଆଙ୍କୁ ପୋଚିଂ କରିଚାଲିଲେ। ସେପଟେ ମୋଦିଙ୍କ ପାୱାର ଓ ଲୋକପ୍ରିୟତା ବଢ଼ିବା ପରେ ନବୀନ ପୁଣି ତାଙ୍କ ସହ ଯୋଡ଼ି ହୋଇଗଲେ। ୟୁଜ୍ ଆଣ୍ଡ ଥ୍ରୋରେ ପରା ସେ ମାଷ୍ଟର। ତେଣୁ ଭକ୍ତ ବାବୁ ବେଶୀ କୁଲୁକୁଲୁ ନହୋଇ ହାଉଲେ ଗଲେ ଭଲ...।

## ଓଃ... କି ଦୁଃଖ...








ଏଥର ରାଜ୍ୟସଭା ଯିବା ପାଇଁ ବିଜେଡ଼ିର ଅନେକ ମାମଲତକାର ଗୋଡ଼ ଟେକି ବସିଥିଲେ। ସମସ୍ତେ ନବୀନ ବାବୁଙ୍କ ପ୍ରିୟ ବୋଲି କର୍ମୀମାନଙ୍କୁ କହି ବୁଲୁଥିଲେ। କେତେବେଳେ ଶଙ୍ଖ ଭବନ ତ କେବେ ନବୀନ ନିବାସରେ ଡେରା ପକାଇ ବସୁଥିଲେ। ଟିଭିରେ ବାହାରୁଥିଲେ, ପ୍ରେସମିଟ୍ କରୁଥିଲେ। କିନ୍ତୁ ସନ୍ତୃପ୍ତ ମିଶ୍ରଙ୍କ ନାଁ ଘୋଷଣା ହେବାପରେ ଲେନ୍ସ ଲଗାଇ ଖୋଜିଲେବି ବରିଷ୍ଠ ନେତା ମିଳୁନାହାନ୍ତି। ଦେବୀ ମିଶ୍ର, ପ୍ରତାପ ଜେନା, ସଂଜୟ ଦାସବର୍ମା, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକଙ୍କ ମନକୁଆଡ଼େ ଭାରି ଦୁଃଖ। ବାଛିବାଛି ବିଜେପି ଏବେ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଅପରେସନ୍ ଲୋଟସ୍ କରୁଥିବାବେଳେ ରାଜ୍ୟସଭା ସାଂସଦ ହୋଇଥିଲେ ପତିଆରା ବଢ଼ିଯାଇଥା'ନ୍ତା। ହେଲେ ନବୀନ ବାବୁ ଦେଖିଲେ ଏ ହାରୁ ନେତାଙ୍କ ଉପରେ ଭରସା କରି କିଛି ଲାଭ ନାହିଁ। ବରଂ ସଂତୃପ୍ତଙ୍କ ବାବୁଙ୍କୁ ରାଜ୍ୟସଭା ପଠାଇଲେ କିଛି ନହେଲେ କର୍ପୋରେଟ ଲବି ଜରିଆରେ ବିଜେଡ଼ି ସିନ୍ଧୁକ ତ ଭର୍ତ୍ତି ହୋଇଯିବ।

ଗର୍ବିତ ଓଡିଆ





## ମନମୋହନ ସାମଲ

ରାଜ୍ୟ ବିଜେପିର ଲକି ମାସ୍କଟ ହେଉଛନ୍ତି ମନମୋହନ ସାମଲ। ସେ ଅନେକବାର ବିଧାନସଭା ନିର୍ବାଚନରେ ହାରିଥିଲେ ବି ତାଙ୍କ ସଭାପତିତ୍ୱ ସମୟରେ ବିଜେପି କ୍ଷମତାର ସ୍ୱାଦ ଚାଖିପାରିଛି। ଏବିଭିପିରୁ ରାଜନୀତିକ କ୍ୟାରିୟର ଆରମ୍ଭ କରିଥିବା ମନମୋହନ ଏଯାବତ୍ ୪ ଥର ରାଜ୍ୟ ସଭାପତି ହୋଇଛନ୍ତି। ପୂର୍ବରୁ ସେ ଥରେ ରାଜ୍ୟସଭାକୁ ଯାଇ ସାରିଥିବାବେଳେ ନବୀନଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱ, ଖାଦ୍ୟଯୋଗାଣ ଭଳି ବିଭାଗର ମନ୍ତ୍ରୀ ବି ରହିଥିଲେ। ବିଜେପିର ଜଣେ ଧୂରୀଣ ରାଜନେତା ଭାବେ ପରିଗଣିତ ମନମୋହନ ଗତ ନିର୍ବାଚନରେ ହାରିଯାଇଥିବାରୁ ମୁକୁଟରୁ ବଞ୍ଚିତ ହୋଇଥିଲେ ବୋଲି କୁହାଯାଏ। ଚବିଶ ନିର୍ବାଚନରେ ଦଳକୁ ବିଜୟୀ କରିଥିବାରୁ କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ 'ରାଜ୍ୟସଭା' ପୁରସ୍କାର ଦେଇଛନ୍ତି।

## ସୁଜିତ୍ କୁମାର

ବୁର୍ଲାରୁ ଇଞ୍ଜିନିୟରିଂ ଓ ସମ୍ବଲପୁରରେ ଏଲଏଲବି କରିବା ପରେ ସୁଜିତ୍ କୁମାର ଅକ୍ସଫୋର୍ଡ଼ ଓ ହାଭାର୍ଡ଼ରେ ବି ପାଠ ପଢ଼ିଛନ୍ତି। ସଫ୍ଟୱେୟାର ଇଞ୍ଜିନିୟର ଭାବେ ଇନଫୋସିସରୁ ସେ ତାଙ୍କର ପେଶାଦାର କ୍ୟାରିୟର ଆରମ୍ଭ କରିଥିଲେ। ଲେକ୍ସ ମନ୍ତ୍ରା ନାମରେ ତାଙ୍କର ବିଜିନେସ ଓ ଲିଗାଲ କନସଲଟିଂ ଫାର୍ମ ବି ରହିଛି। ସୁପ୍ରିମକୋର୍ଟରେ ମଧ୍ୟ ସେ ମାମଲା ପରିଚାଳନା କରୁଛନ୍ତି। ବିଜେଡ଼ିରେ ସାମିଲ୍ ହେବା ପରେ ତାଙ୍କୁ ସ୍ୱତନ୍ତ୍ର ଉପଦେଷ୍ଟା ପରିଷଦର ଉପଦେଷ୍ଟା କରାଯାଇଥିଲା। କଳାହାଣ୍ଡିରୁ ଲୋକସଭା ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ସୁଜିତଙ୍କୁ ବିଜେଡ଼ି ୨୦୨୦ରେ ରାଜ୍ୟସଭାକୁ ପଠାଇଥିଲା। କିନ୍ତୁ ପରେ ସେ ବିଜେଡ଼ି ଓ ରାଜ୍ୟସଭା ପଦରୁ ଇସ୍ତଫା ଦେଇ ବିଜେପି ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ପୁଣି ଥରେ ଦଳ ତାଙ୍କ ଉପରେ ଭରସା କରି ରାଜ୍ୟସଭା ଟିକେଟ୍ ଦେଇଛି।

## ଦିଲୀପ ରାୟ

୧୯୮୦ ଦଶକରୁ ରାଜ୍ୟ ରାଜନୀତିରେ ଦିଲୀପ ରାୟ ଜଣେ ଚର୍ଚ୍ଚିତ ରାଜନେତା। ସେ ଏମିତି ଜଣେ ନେତା ଯିଏକି ତିନି ଜଣ ପ୍ରଧାନମନ୍ତ୍ରୀଙ୍କ ଅମଳରେ କେନ୍ଦ୍ରମନ୍ତ୍ରୀ ଥିଲେ। ରାଉରକେଲା ମ୍ୟୁନିସପାଲଟି ଅଧ୍ୟକ୍ଷରୁ କ୍ୟାରିୟର ଆରମ୍ଭ କରିଥିଲେ। ପରେ ରାଉରକେଲାରୁ ଦୁଇଥର ବିଧାୟକ ହେବା ସହ ବିଜୁବାବୁଙ୍କ ମନ୍ତ୍ରୀମଣ୍ଡଳରେ ଶିଳ୍ପମନ୍ତ୍ରୀ ହୋଇଥିଲେ। ୧୯୯୫ରେ ସେ ରାଉରକେଲାରୁ ନିର୍ବାଚନ ହାରିଯାଇଥିଲେ। କିନ୍ତୁ ୧୯୯୬ରେ ବିଜୁବାବୁ ତାଙ୍କୁ ରାଜ୍ୟସଭାକୁ ପଠାଇଥିଲେ। ସେହି ସମୟରେ ସେ କେନ୍ଦ୍ର ଇସ୍ପାତ ଓ କୋଇଲା ମନ୍ତ୍ରୀ ହୋଇଥିଲେ। ବିଜୁବାବୁଙ୍କ ମୃତ୍ୟୁ ପରେ ବିଜୁ ଜନତା ଦଳ ଗଠନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ପରେ ନବୀନଙ୍କ ସହ ତିକ୍ତତା କାରଣରୁ ବିଜେଡ଼ି ଛାଡ଼ି ଦେଇଥିଲେ। ୨୦୦୨ରେ ସେ ସ୍ୱାଧୀନ ଭାବେ ରାଜ୍ୟସଭାରୁ ନିର୍ବାଚନ ଲଢ଼ି ବାଜିମାତ୍ କରିଥିଲେ। ଯାହାକି ସେହି ସମୟରେ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ଏବେ ଦିଲ୍ଲୀପ-ନବୀନ ପୁଣି ମୁହାଁମୁହିଁ ହୋଇଛନ୍ତି।

## ଡକ୍ଟର ସଂତୃପ୍ତ ମିଶ୍ର

ଭାରତୀୟ କର୍ପୋରେଟ ଜଗତର ଜଣେ ପରିଚିତ ଚେହେରା ହେଉଛନ୍ତି ଡକ୍ଟର ସଂତୃପ୍ତ ମିଶ୍ର। ୨୦୨୪ରେ ଆଦିତ୍ୟ ବିର୍ଲା ଗ୍ରୁପରୁ ଗ୍ରୁପ୍ ଡାଇରେକ୍ଟର (ଏଚଆର) ଏବଂ ବିର୍ଲା କାର୍ବନର ସିଇଓ ପଦରୁ ଇସ୍ତଫା ଦେଇ ବିଜେଡ଼ିରେ ଯୋଗ ଦେଇଥିଲେ। ୨୦୨୪ରେ ସେ କଟକ ଲୋକସଭା ଆସନରୁ ନିର୍ବାଚନ ଲଢ଼ିଥିଲେବି ହାରି ଯାଇଥିଲେ। ପରେ ସେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଭାବେ କାର୍ଯ୍ୟ କରିବା ସହ ଆଜିକା ଦିନରେ ଦଳର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। କର୍ପୋରେଟ୍ ଓ ମାନବସମ୍ବଳ କ୍ଷେତ୍ରରେ ତାଙ୍କର ତିନି ଦଶନ୍ଧିର ଅଭିଜ୍ଞତା ରହିଛି। ଆଜିକା ଦିନରେ ନବୀନ ପଟ୍ଟନାୟକଙ୍କ ସେ ଅତ୍ୟନ୍ତ ଘନିଷ୍ଠ।

## ଡାକ୍ତର ଦତ୍ତେଶ୍ୱର ହୋତା

ଡାକ୍ତର ଦତ୍ତେଶ୍ୱର ହୋତା ଜଣେ ପ୍ରସିଦ୍ଧ ୟୁରୋଲୋଜିଷ୍ଟ। ଜାତୀୟସ୍ତରରେ ବି ତାଙ୍କର ସୁନାମ ରହିଛି। ଚଣ୍ଡୀଗଡ଼ ପିଜିଆଇଏମଇଆରରୁ ୟୁରୋଲୋଜିରେ ସୁପର ସ୍ପେଶିଆଲିଟି କୋର୍ସ-ଏମସିଏଚ କରିଛନ୍ତି। କିଡ଼ନୀ ଓ ମୂତ୍ର ରୋଗ ସର୍ଜନ ଭାବେ ତାଙ୍କର ଚାରି ଦଶନ୍ଧିର ଅଭିଜ୍ଞତା ରହିଛି। ପୂର୍ବରୁ କଟକ ଏସସିବି ମେଡ଼ିକାଲ କଲେଜରେ ୟୁରୋଲୋଜି ବିଭାଗ ମୁଖ୍ୟ, ଡିନ୍ ଓ ପ୍ରିନ୍ସପାଲ ରହିଛନ୍ତି। ୨୦୨୩ରେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୋଲିଥିବାବେଳେ ସେ ପ୍ରଥମ କୁଳପତି ହେବାର ସୌଭାଗ୍ୟ ପାଇଥିଲେ। ରାଜ୍ୟରେ କିଡ଼ନୀ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ୟୁନିଟ୍ ପ୍ରତିଷ୍ଠାରେ ତାଙ୍କର ବେଶ୍ ଅବଦାନ ରହିଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ପିସିସି ଭକ୍ତଚରଣ ଦାସଙ୍କ ସହ ଆଲୋଚନା କରି ନବୀନ ବାବୁ ତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଛନ୍ତି।

# ଦିଲ୍ଲୀପ: ୨୪ ନହେଲେ ୩୦

ଦିଲ୍ଲୀପ ଏବେ ସବୁଠୁ ବେଶୀ ଚର୍ଚ୍ଚାରେ ରହିଛନ୍ତି। ୨୦୦୨ ଆଉ ୨୦୨୬ ଭିତରେ ବହୁତ ଫରକ୍। ସିକ୍ରେଟ୍ ଭୋଟ୍ ଏବେ ଓପନ ଭୋଟ୍ ହୋଇଗଲାଣି। ତେଣୁ ଘୋଡ଼ାବେପାର ଟିକେ ଜଟିଳ ବେପାର। ଏସବୁ ଭିତରେ ଗୋଟିଏ କଥା କିନ୍ତୁ ସ୍ପଷ୍ଟ ହେବାରେ ଲାଗିଛି। ଦିଲ୍ଲୀପଙ୍କୁ ୨୪ ଖଣ୍ଡ ଭୋଟ୍ ମିଳିବ ନହେଲେ ୩୦ ଖଣ୍ଡ। ବିଜେପିର ୨୨ ବିଧାୟକ ଓ ଅରବିନ୍ଦ ଏବଂ ସନାଙ୍କୁ ମିଶାଇଲେ ସଂଖ୍ୟା ୨୪ ହେଉଛି। ଇତି ମଧ୍ୟରେ ଦିଲ୍ଲୀପଙ୍କ ଟିମ୍ ଓ ମୋହନଙ୍କ ଟିମ୍ ଅନେକ ବିଧାୟକଙ୍କ ସହ ଯୋଗସୂତ୍ରରେ ରହିଛନ୍ତି। କିଛି ବିଧାୟକ ଦିଲ୍ଲୀପଙ୍କୁ ସମର୍ଥନ କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। କିନ୍ତୁ ସେମାନଙ୍କର ଗୋଟିଏ କଥା, ଯଦି ଆପଣ ୫ ଖଣ୍ଡ ଭୋଟ ଯୋଗାଡ଼ କରିପାରିବେ, ତେବେ ଯାଇ ଆମେ ଭୋଟ୍ ଦେବୁ। ଦ୍ୱିତୀୟ ପସନ୍ଦରୁ ଖଣ୍ଡିଏ ଭୋଟ୍ ମିଳିବାର ଥିବାରୁ ଦିଲ୍ଲୀପଙ୍କୁ ଆଉ ୫ ଭୋଟର ଆବଶ୍ୟକତା ରହିଛି। ଯଦି ସେତିକି ଭୋଟ୍ ଯୋଗାଡ଼ ହୋଇପାରିବନି ତେବେ ଆମେ ଦେବୁନି। କାହିଁକିନା ଜଣେ ଦି ଜଣ ବିଧାୟକ ଭୋଟ୍ ଦେଲେ ଦିଲ୍ଲୀପ ଜିତିବାର ଚାନ୍ସ ନାହିଁ। ସେଭଳି କ୍ଷେତ୍ରରେ ଜାତି ଯିବ କିନ୍ତୁ ପେଟ ପୂରିବନି। ଦେଖାଯାଉ ଦିଲ୍ଲୀପ ବିଜେଡ଼ି ଓ କଂଗ୍ରେସରୁ କେତେ ଭୋଟ୍ ନିଜ ଖାଲେଇରେ ଭର୍ତ୍ତି କରିପାରୁଛନ୍ତି।

# ସବୁଠୁ ଧନୀ ସଂତୃପ୍ତ, ଦ୍ୱିତୀୟରେ ଦିଲୀପ

ରାଜ୍ୟସଭା ନିର୍ବାଚନରେ ୫ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିବାବେଳେ ସେମାନଙ୍କ ମଧ୍ୟରୁ ସବୁଠୁ ଧନୀ ହେଉଛନ୍ତି ବିଜେଡ଼ି ପ୍ରାର୍ଥୀ ସଂତୃପ୍ତ ମିଶ୍ର। ତାଙ୍କ ପଛକୁ ରହିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ। ସତ୍ୟପାଠ ଅନୁଯାୟୀ, ସନ୍ତୃପ୍ତ ଗତ ୨୦୨୪-୨୫ରେ ୨୬ କୋଟି ଓ ତାଙ୍କ ପତ୍ନୀ ଅଳକା ଆରୋରା ମିଶ୍ର ପ୍ରାୟ ୭ କୋଟି ଟଙ୍କାର ଆଇଟି ରିଟର୍ଣ୍ଣ ଦାଖଲ କରିଥିଲେ। ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ପ୍ରାୟ ୫୧୩ କୋଟି ଟଙ୍କା। ଯେତେବେଳେକି ପତ୍ନୀଙ୍କର ୨୦ କୋଟିରୁ ଊର୍ଦ୍ଧ୍ୱ ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ସନ୍ତୃପ୍ତଙ୍କର ସ୍ଥାବର ସମ୍ପତ୍ତି ମୂଲ୍ୟ ୫୩ କୋଟି ହୋଇଥିବାବେଳେ ତାଙ୍କ ପତ୍ନୀଙ୍କ ନିକଟରେ ୮.୬୮ କୋଟିର ଅସ୍ଥାବର ସମ୍ପତ୍ତି ରହିଛି। ସନ୍ତୃପ୍ତ ଋଣ କରିନଥିବାବେଳେ ତାଙ୍କ ପତ୍ନୀ କିନ୍ତୁ ୬.୫୩ କୋଟିର ଋଣ କରିଛନ୍ତି। ୧୯୯୦ରେ ସନ୍ତୃପ୍ତ ଉତ୍କଳ ବିଶ୍ୱବିଦ୍ୟାଳୟରେ ପବ୍ଲିକ ଆଡ଼ମିନିଷ୍ଟ୍ରେସନରେ ପିଏଚଡ଼ି କରିଥିବାବେଳେ ୧୯୯୩ରେ ଲଣ୍ଡନର ଆଷ୍ଟନ ବିଶ୍ୱବିଦ୍ୟାଳୟରୁ ପିଏଚଡ଼ି କରିଛନ୍ତି।

ଅପରପକ୍ଷରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ୨୦୨୪-୨୫ରେ ପ୍ରାୟ ୩ କୋଟି ଓ ତାଙ୍କ ପତ୍ନୀ ପୂଜା ରାୟ ପ୍ରାୟ ଅଢ଼େଇ କୋଟିର ଆଇଟି ରିଟର୍ଣ୍ଣ ଦାଖଲ କରିଥିଲେ। ତାଙ୍କର ସ୍ଥାବର ସମ୍ପତ୍ତି ମୂଲ୍ୟ ୩୯୧ କୋଟି ହୋଇଥିବାବେଳେ ପତ୍ନୀଙ୍କ ନିକଟରେ ୧୧ କୋଟିର ସ୍ଥାବର ସମ୍ପତ୍ତି ରହିଛି। ଅପରପକ୍ଷରେ ଦିଲୀପଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ହେଉଛି ୪୫ କୋଟି। ଯେତେବେଳେକି ପତ୍ନୀଙ୍କ ପାଖରେ ୮ କୋଟିର ଅସ୍ଥାବର ସମ୍ପତ୍ତି ରହିଛି। ଏହାଛଡ଼ା ସେ ୫୫ ଲକ୍ଷ ଟଙ୍କା ଓ ପତ୍ନୀ ୪ କୋଟି ଟଙ୍କା ଋଣ କରିଛନ୍ତି। ୧୯୭୪ରେ ଦିଲୀପ ଦାର୍ଜିଲିଂର ସେଣ୍ଟ ଯୋଶେଫ କଲେଜରୁ ଗ୍ରାଜୁଏସନ ଓ ୧୯୭୬ରେ କାଲକାଟା ବିଶ୍ୱବିଦ୍ୟାଳୟରୁ ଏଲଏଲବି କରିଛନ୍ତି।

ବିଜେପି ପ୍ରାର୍ଥୀ ସୁଜିତ କୁମାର ୨୦୨୪-୨୫ରେ ୨୯ ଲକ୍ଷ ଟଙ୍କାର ଆଇଟି ରିଟର୍ଣ୍ଣ ଦାଖଲ କରିଛନ୍ତି। ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ୩.୮୫ କୋଟି ହୋଇଥିବାବେଳେ ତାଙ୍କ ପତ୍ନୀଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୧ କୋଟି ଟଙ୍କା। ସେହିପରି ତାଙ୍କର ସ୍ଥାବର ସମ୍ପତ୍ତି ମୂଲ୍ୟ ପ୍ରାୟ କୋଟିଏ ଟଙ୍କା ରହିଛି। ୨୦୧୧ରେ ଆମେରିକାର ହାଭାର୍ଡ଼ ବିଶ୍ୱବିଦ୍ୟାଳୟରୁ ସେ ପବ୍ଲିକ ଆଡ଼ମିନିଷ୍ଟ୍ରେସନରେ ପିଜି କରିଛନ୍ତି।

ବିଜେପି ପ୍ରାର୍ଥୀ ମନମୋହନ ସାମଲ ୨୦୨୫-୨୬ରେ ୧୨ ଲକ୍ଷ ଓ ତାଙ୍କ ପତ୍ନୀ ୧୪ ଲକ୍ଷ ଟଙ୍କାର ଆଇଟି ରିଟର୍ଣ୍ଣ ଦାଖଲ କରିଛନ୍ତି। ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ପ୍ରାୟ ୪୪ ଲକ୍ଷ ଟଙ୍କା ହୋଇଥିବାବେଳେ ପତ୍ନୀ ପ୍ରଣତି ସାମଲଙ୍କର ୨.୮୬ କୋଟିର ଅସ୍ଥାବର ସମ୍ପତ୍ତି ରହିଛି। ସେହିପରି ମନମୋହନଙ୍କର ସ୍ଥାବର ସମ୍ପତ୍ତି ମୂଲ୍ୟ ଦେଢ଼ କୋଟି ହୋଇଥିବାବେଳେ ପତ୍ନୀ ୭୫ ଲକ୍ଷ ଟଙ୍କାର ଋଣ କରିଛନ୍ତି। ୨୦୧୬ରେ ସେ ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଏଲଏଲଏମ୍ କରିଛନ୍ତି।

ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ୨୦୨୪-୨୫ରେ ୬୦ ଲକ୍ଷ ଟଙ୍କା ଓ ପତ୍ନୀ ଡାକ୍ତର ସୁଜାତା ପୂଜାରୀ ୭୦ ଲକ୍ଷ ଟଙ୍କାର ଆଇଟି ରିଟର୍ଣ୍ଣ ଦାଖଲ କରିଛନ୍ତି। ତାଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ୪.୯୩ କୋଟି ଟଙ୍କା ଥିବାବେଳେ ପତ୍ନୀଙ୍କର ଅସ୍ଥାବର ସମ୍ପତ୍ତି ମୂଲ୍ୟ ୨.୭୧ କୋଟି ଟଙ୍କା ରହିଛି। ସେହିପରି ତାଙ୍କର ସ୍ଥାବର ସମ୍ପତ୍ତି ମୂଲ୍ୟ ୩.୩୩ କୋଟି ଓ ପତ୍ନୀଙ୍କର ସ୍ଥାବର ସମ୍ପତ୍ତି ମୂଲ୍ୟ ୧.୬୦ କୋଟି ଅଛି। ୧୯୮୩ରେ ଏମବିବିଏସ, ୧୯୮୬ରେ ଏମଏସ ଓ ୧୯୯୪ରେ ଚଣ୍ଡୀଗଡ଼ ପିଜିଆଇଏମଇଆରରୁ ଏମସିଏଚ (ୟୁରୋଲୋଜି) କରିଥିଲେ।

ଗର୍ବିତ ଓଡ଼ିଆ

# କାହିଁକି ପାଟନାରୁ ଦିଲ୍ଲୀ ଗଲେ ନୀତିଶ ?



ବିହାର ରାଜନୀତିରେ ଚର୍ଚ୍ଚା ହେଉଥିଲା, ନୀତିଶପୁତ୍ର ନିଶାନ୍ତ କୁମାର ରାଜ୍ୟସଭାକୁ ଯିବେ । କିନ୍ତୁ ହଠାତ୍ ସ୍କ୍ରିପ୍ଟ ବଦଳିଗଲା । ପୁଅଙ୍କ ବଦଳରେ ନୀତିଶ ନିଜେ ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ। ଯାହାକି ଜେଡ଼ିୟୁର ଶହ ଶହ ନେତାଙ୍କୁ ଚକିତ କରିଦେଇଛି। ଏମିତିକି ଜେଡ଼ିୟୁ କାର୍ଯ୍ୟାଳୟ ଆଗରେ ସମର୍ଥକମାନେ ଭଙ୍ଗାରୁଜା କରିବାକୁ ବି ପଛାଇନାହାନ୍ତି । ତେବେ **ହଠାତ୍ ବିହାର ରାଜନୀତି ଏମିତି କଡ଼ ଲେଉଟାଇଲା କାହିଁକି?**

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

ନୀତିନ ନବୀନ ବିହାରରୁ ଯାଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ଓ ମୁଖ୍ୟମନ୍ତ୍ରୀ ଚଉକି ପ୍ରତି ନୀତିଶ କୁମାରଙ୍କ ମୋହ ଭଙ୍ଗକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ। ବିହାର ରାଜନୀତିରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ପ୍ରଥମ ଥର ପାଇଁ ବିହାରରେ ବିଜେପି ମୁଖ୍ୟମନ୍ତ୍ରୀ ହେବେ। କିନ୍ତୁ ଜେଡ଼ିୟୁର କ'ଣ ହେବ? ନୀତିଶଙ୍କ ପୁଅ ସିନା ଉପମୁଖ୍ୟମନ୍ତ୍ରୀ ହୋଇଯିବେ ହେଲେ ଜେଡ଼ିୟୁର ଭବିଷ୍ୟତ ନଷ୍ଟ ହୋଇଯିବନି ତ? ନୀତିଶଙ୍କ ପାଇଁ ଜେଡ଼ିୟୁ ପାଖରେ କୁର୍ମୀ ସମ୍ପ୍ରଦାୟ ଓ ଇବିସି ବର୍ଗର ଭଲ ଭୋଟ୍ ବ୍ୟାଙ୍କ ଥିଲା। ଯେଉଁଥିପାଇଁ ଏବେ ଜେଡ଼ିୟୁର ଅନେକ ଆଗଧାଡ଼ିର ନେତା ରୋଦନ ଆରମ୍ଭ କରିଦେଇଛନ୍ତି ।

୨୦୦୫ରେ ନୀତିଶ ପ୍ରଥମ ଥର ପାଇଁ ପୂର୍ଣ୍ଣକାଳୀନ ମୁଖ୍ୟମନ୍ତ୍ରୀ ହେଲେ। ସେହି ସମୟରେ ଆରଜେଡ଼ିର ୭୫ ଆସନ ଥିବାବେଳେ, ଜେଡ଼ିୟୁ ନିକଟରେ ଥିଲା ୫୫ ଆସନ। ଯେତେବେଳେକି ବିଜେପି ପାଖରେ ୩୭ ଆସନ ରହିଥିଲା। ୨୦୧୦ରେ ଜେଡ଼ିୟୁର ୧୧୫ ଆସନ, ବିଜେପିର ୯୧ ଆସନ ଥିବାବେଳେ ଆରଜେଡ଼ି ମାତ୍ର ୨୨ ଆସନରେ ସୀମିତ ରହିଥିଲା। ୨୦୧୫ରେ କିନ୍ତୁ ବିହାର ରାଜନୀତିର ମୋଡ଼ ବଦଳି ଯାଇଥିଲା। ସେହି ନିର୍ବାଚନରେ ନୀତିଶ-ଲାଲୁ ମେଣ୍ଟ ବିଜେପିକୁ ଚକମା ଦେଇଥିଲା । ଆରଜେଡ଼ିକୁ ୮୦, ଜେଡ଼ିୟୁକୁ ୭୧ ଓ ବିଜେପିକୁ ୫୩ ଆସନ ମିଳିଥିଲା। ୨୦୨୦ରେ ନୀତିଶ ପୁଣି ଏନଡ଼ିଏକୁ ଫେରିଥିଲେ। ସେହି ନିର୍ବାଚନରେ ଆରଜେଡ଼ିକୁ ୭୫, ବିଜେପିକୁ ୭୪ ଓ ଜେଡ଼ିୟୁକୁ ୪୩ ଆସନ ମିଳିଥିଲା। ୨୦୨୫ ନିର୍ବାଚନରେ ବିଜେପି ୮୯, ଜେଡ଼ିୟୁ ୮୫ ଓ ଆରଜେଡ଼ି ୨୫ ଆସନରେ ବାଜିମାତ୍ କରିଥିଲା।

## ରାଜନୀତିକୁ ଆସିଲେ ନିଶାନ୍ତ



ନୀତିଶ କୁମାରଙ୍କ ଅପ୍ରତ୍ୟାଶିତ ନିଷ୍ପତ୍ତି ଜେଡ଼ିୟୁର ଅନେକ ବରିଷ୍ଠ ନେତାମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ବିହାରରେ ୧୬% ଇବିସି ଓ କୁର୍ମୀଙ୍କ ଭୋଟ ଥିବାବେଳେ ସେମାନେ ନୀତିଶଙ୍କୁ ହିଁ ସମର୍ଥନ ଦେଇ ଆସୁଥିଲେ । ଏବେ ଦଳରେ ଥିବା ସଞ୍ଜୟ ଝା', ବିଜୟ ଚୌଧୁରୀ, ଅଶୋକ ଚୌଧୁରୀ ଓ ଲଲନ ସିଂ ଏହି ଭୋଟ୍ ବ୍ୟାଙ୍କ ଧରିରଖିବା ଏତେ ସହଜ କଥା ନୁହେଁ । ସେଥିପାଇଁ ଏବେ ପୁଅ ନିଶାନ୍ତ କୁମାର ବିଧିବଦ୍ଧ ଭାବେ ଜେଡ଼ିୟୁରେ ଯୋଗ ଦେଇଛନ୍ତି । ବିହାରର ଅନ୍ୟ ଦୁଇ ତୁଙ୍ଗ ନେତା ଲାଲୁ ଯାଦବଙ୍କ ପୁଅ ତେଜସ୍ୱୀ ଯାଦବ ଏବେ ଆରଜେଡ଼ିର ମଙ୍ଗ ଧରିଥିବାବେଳେ ରାମବିଳାଶ ପାଶୱାନଙ୍କ ପୁଅ ଚିରାଗ ପାଶୱାନ ନିଜ ବାପାଙ୍କ ଦଳ ଏଲଜେପିର ମଙ୍ଗ ସମ୍ଭାଳିଛନ୍ତି । କିନ୍ତୁ ନୀତିଶ ତାଙ୍କ ପୁଅ ନିଶାନ୍ତଙ୍କୁ ଏଯାବତ୍ ବିଧିବଦ୍ଧ ଭାବେ ରାଜନୀତିକୁ ଆଣିନଥିଲେ । ନିଶାନ୍ତ ଏବେ ଜେଡ଼ିୟୁରେ ଯୋଗ ଦେଇଥିବାବେଳେ ନିଜ ବାପାଙ୍କ ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବା ନିଶ୍ଚିତ ହୋଇଯାଇଛି । ଆଗାମୀ ଦିନରେ ବିହାର ସରକାରରେ ସେ ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ନେଇ ଚର୍ଚ୍ଚା ହେଉଛି ।

## ନିଜ ଲୋକ ଦେଲେ କି ଧୋକ୍କା ?

ନୀତିଶ କୁମାରଙ୍କ ଜେଡ଼ିୟୁ ଏଥର ଅଧିକ ଆସନ ଜିତିଥିଲେବି ତାଙ୍କ ପାଖରେ ବିକଳ୍ପ କମ୍ ରହିଛି। ଗୋଟିଏ ପଟେ ଜେଡ଼ିୟୁର କିଛି ଆଗଧାଡ଼ିର ନେତାମାନେ ବିଜେପିରେ ଯୋଗଦେବା ପାଇଁ ଗୋଡ଼ ଲମ୍ବେଇ ବସିଛନ୍ତି। ସେପଟେ ବିରୋଧୀ ଦଳ ପାଖରେ ମାତ୍ର ୩୫ ବିଧାୟକ ରହିଛନ୍ତି। ତେଣୁ ପୂର୍ବଭଳି ପଲଟୁରାମ୍ ହେଲେ କିଛି ଫାଇଦା ନାହିଁ । ନିଜ ଦଳର ଲୋକେ ଧୋକ୍କା ଦେବା ମୁଡ଼ରେ ଥିବାରୁ ନୀତିଶ ଏଭଳି ପଦକ୍ଷେପ ନେଇ ପୁଅକୁ ରାଜନୀତିକୁ ଆଣିବା ସହ ସମ୍ମାନଜନକ ସ୍ଥିତିରେ ରହିବାକୁ ଚାହୁଁଥିଲେ ।

## ପ୍ରଥମେ ଗୃହ, ପରେ ମୁଖ୍ୟମନ୍ତ୍ରୀ ପଦ ଛଡ଼ାଇନେଲା ବିଜେପି

୨୦୨୫ ନଭେମ୍ବରରେ ଅନୁଷ୍ଠିତ ବିହାର ନିର୍ବାଚନରେ ବିଜେପିକୁ ୮୯ ଓ ଜେଡ଼ିୟୁକୁ ୮୫ ଆସନ ମିଳିଥିଲା । ସେହି ସମୟରେ ନୀତିଶଙ୍କୁ ଗୃହ ବିଭାଗ ଦେବାକୁ ରାଜି ହୋଇନଥିଲା ବିଜେପି। ସାଧାରଣତଃ ମୁଖ୍ୟମନ୍ତ୍ରୀଙ୍କ ହାତରେ ହିଁ ଗୃହ ବିଭାଗ ରହିଥାଏ। ଏହି ବ୍ୟତିକ୍ରମରୁ ହିଁ ନୀତିଶଙ୍କ ମୁଖ୍ୟମନ୍ତ୍ରୀଙ୍କ ଚଉକି ଯେକୌଣସି ମୁହୂର୍ତ୍ତରେ ଯାଇପାରେ ବୋଲି ଅନୁମାନ କରାଯାଉଥିଲା।

ତେବେ ହଠାତ୍ ନୀତିଶ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ରାଜ୍ୟସଭା କାହିଁକି ଗଲେ। ଏହାର ତିନୋଟି କାରଣ ଦର୍ଶାଯାଉଛି। ନୀତିଶଙ୍କୁ ୭୫ ବର୍ଷ ପୂରି ଯାଇଥିବାବେଳେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବି ଭଲ ରହୁନାହିଁ। ସେହିପରି ବିଜେପି ଅଧିକ ଆସନ ପାଇଥିବାରୁ ନିଜ ହାତରେ ମୁଖ୍ୟମନ୍ତ୍ରୀ ପଦ ରଖିବାକୁ ଚାହୁଁଥିଲା। ଅନ୍ୟ କାରଣଟି ହେଉଛି, ନୀତିଶଙ୍କୁ ସମ୍ମାନଜନକ ରାଜନୀତିକ ବିଦାୟ ଦେବା ପାଇଁ ତାଙ୍କୁ ରାଜ୍ୟସଭାକୁ ପଠାଯାଇଛି। ଆଗାମୀ ଦିନରେ ତାଙ୍କୁ ଆଉ ଏକ ସମ୍ମାନଜନକ ପଦବୀ ମିଳିବାର ବି ସମ୍ଭାବନା ରହିଛି ।

# କାହିଁକି ନୀତିନ ନବୀନ ଗଲେ ରାଜ୍ୟସଭା

ରାଷ୍ଟ୍ରୀୟ ସଭାପତି ହେବା ପରେ ନୀତିନ ନବୀନ ରାଜ୍ୟସଭାକୁ ଯିବା ନିଶ୍ଚିତ ଥିଲା । ସାଧାରଣତଃ ବିଜେପିର ଅଧିକାଂଶ ରାଷ୍ଟ୍ରୀୟ ସଭାପତିମାନେ ସଂସଦକୁ ଆସିବାର ନଜିର ରହିଛି । ଅଟଳ ବିହାରୀ ବାଜପେୟୀ ହୁଅନ୍ତୁ ବା ଲାଲକୃଷ୍ଣ ଆଡ଼ଭାନୀ ସମସ୍ତେ ସଂସଦକୁ ଯାଉଥିଲେ । ଆଜିକା ଦିନରେ ନୀତିନ ଗଡ଼କରୀ ହେଉଛନ୍ତି ଶେଷ ସଭାପତି, ଯିଏକି ସାଂସଦ ନୁହେଁ ବରଂ ମହାରାଷ୍ଟ୍ରର ବିଧାୟକ ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ରାଜନାଥ ସିଂ, ଅମିତ ଶାହା, ଜେପି ନଡ୍ଡାଙ୍କୁ ଦଳ ସଂସଦକୁ ପଠାଇଥିଲା । ରାଜ୍ୟ ଭିତରେ ସୀମିତ ନରଖି ଜାତୀୟ ରାଜନୀତିରେ ରଣନୀତି କରିବା ପାଇଁ ବିଜେପି ଏଭଳି କୌଶଳ ଆପଣାଇଛି । ଏବେ ନୀତିନ ନବୀନ ବିହାରରେ ବିଧାୟକ ଅଛନ୍ତି । ବିହାରର ଆଞ୍ଚଳିକ ରାଜନୀତିକୁ ଛାଡ଼ି ଜାତୀୟ ରାଜନୀତିରେ ପ୍ରମୁଖ ଭୂମିକା ଦେବା ପାଇଁ ଦଳ ଏମିତି ରଣନୀତି କରିଛି ।



# ବଙ୍ଗ ଏସଆଇଆର ପାଇଁ କିଏ ଘାଟାରେ ?

ଏସଆଇଆର ପାଇଁ କାହାର ହେବ ଘାଟା? ପଶ୍ଚିମବଙ୍ଗ ରାଜନୀତିରେ ଏନେଇ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଓ ବିଜେପି ମୁହାଁମୁହିଁ ହୋଇଛନ୍ତି । ଏକ ଅନୁଶୀଳନ ଅନୁଯାୟୀ, ୮୪ ସଂରକ୍ଷିତ ଆସନ ମଧ୍ୟରୁ ବିଜେପି ଜିତିଥିବା ଅନେକ ଆସନରେ ବହୁସଂଖ୍ୟକ ଭୋଟରଙ୍କ ନାମ କଟିଯାଇଛି । ଏହିସବୁ ଆସନରେ ୧ ଲକ୍ଷ ୮୭ ହଜାର ନାମ କଟିଥିବାବେଳେ ବିଜେପି ଜିତିଥିବା ଆସନରେ ଏହିସଂଖ୍ୟା ୧ ଲକ୍ଷ ୩୩ ହଜାର ରହିଛି । ଯେତେବେଳେକି ଟିଏମସି ଜିତିଥିବା ଆସନରେ ତାହା ୫୪୬୦୦ ରହିଛି । ବିଜେପି ଜିତିଥିବା ଆସନରେ ହାରାହାରି ୩୪ ଶହ ନାମ କଟିଥିବାବେଳେ ଟିଏମସି ଜିତିଥିବା ଆସନରେ ହାରାହାରି ୧୨ ଶହ ନାମ କଟିଛି ।








ଏହି ୮୪ ସଂରକ୍ଷିତ ନିର୍ବାଚନମଣ୍ଡଳୀରେ ୨୦୨୧ରେ ଉଭୟ ବିଜେପି-ଟିଏମସି ମଧ୍ୟରେ କଡ଼ା ଲଢ଼େଇ ହୋଇଥିଲା । ୧୬ ଏସଟି ସିଟ୍ ମଧ୍ୟରେ ଟିଏମସି ୯ ଆସନରେ ଜିତିଥିବାବେଳେ ବିଜେପି ୭ ଆସନରେ ଜିତିଛି । ସେହିପରି ୬୮ ଏସସି ଆସନରୁ ଟିଏମସି ୩୬ ଓ ବିଜେପି ୩୨ ଆସନ ପାଇଥିଲା । ଏବେ ନାମ କଟିବା ପରେ ଏହି ଅଙ୍କ ଗଡ଼ବଡ଼ ହୋଇଯିବ । ଏହାଦ୍ୱାରା ଖାଲିଯେ, ଟିଏମସି ତାହାନୁହେଁ ବିଜେପି ବି ଘାଟାରେ ପଡ଼ିଯିବ ବୋଲି ପଶ୍ଚିମବଙ୍ଗର ରାଜନୀତିକ ସମୀକ୍ଷକମାନେ ମତପୋଷଣ କରିଛନ୍ତି ।

ଖାଲି ସେତିକିନୁହେଁ, ଅନ୍ୟ ଏକ ଅନୁଶୀଳନ ଅନୁଯାୟୀ, ବେଙ୍ଗଲ ଏସଆଇଆର ପାଇଁ ବିଜେପିର ମତୁଆ ଭୋଟ୍ ବ୍ୟାଙ୍କ ବି ବିପଦରେ ରହିଛି । ୨୦୨୧ରେ ମତୁଆ ଭୋଟ୍ ବ୍ୟାଙ୍କ ଥିବା ଅଞ୍ଚଳରେ ୧୦ରୁ ୯ ବିଧାନସଭା ଆସନରେ ବିଜେପି ଜିତିଥିଲା । କିନ୍ତୁ ଏହି ଆସନରେ ବହୁ ଭୋଟରଙ୍କ ନାମ କଟିଯାଇଛି । ଡାବଗ୍ରାମ-ଫୁଲବାରୀ (୧୬୪୯୧), ବାଗଦା (୧୫୩୦୩), ଶାନ୍ତିପୁର (୮୦୪୮), ବାଙ୍ଗନ ଉତ୍ତର (୭୯୨୬), ରାଣାଘାଟ ଦକ୍ଷିଣ (୭୧୨୬), ରାଣାଘାଟ ଉତ୍ତରପୂର୍ବ (୬୪୦୪), ରାଣାଘାଟ ଉତ୍ତର ପଶ୍ଚିମ (୬୭୦୪), ଚକଡାହା (୫୮୬୪) ଓ ସିଲିଗୁରି (୫୨୪୦) । ଗତ କିଛିବର୍ଷ ଧରି ମତୁଆ ଭୋଟରମାନେ ବିଜେପିର ଦୃଢ଼ ସମର୍ଥକ ପାଲଟିଯାଇଛନ୍ତି । ଏଭଳି କ୍ଷେତ୍ରରେ ସ୍ଥାନୀୟ ବିଜେପି ବିଧାୟକମାନେ କ୍ଷତିଗ୍ରସ୍ତ ହେବେବୋଲି ଅନୁମାନ କରାଯାଉଛି ।

# ଜେନ୍-ଜି ହାତରେ ନେପାଳ



ବିଶ୍ୱର ପ୍ରଥମ ଦେଶ ଭାବେ ନେପାଳରେ ଜେନ୍-ଜି ଆନ୍ଦୋଳନ ଏକ ବିରାଟ ରାଜନୈତିକ ପରିବର୍ତ୍ତନ ଆଣିଛି । ଜଣେ ୩୫ ବର୍ଷୀୟ ରାପର ବଲେନ୍ଦ୍ର ଶାହଙ୍କୁ ନେପାଳବାସୀ କ୍ଷମତା ଅର୍ପଣ କରିଛନ୍ତି । ଏକଦା ସେ ରାପର ଥିବାବେଳେ ପରେ କାଠମାଣ୍ଡୁର ମେୟର ବି ହୋଇଥିଲେ । ନିର୍ବାଚନରେ ତାଙ୍କ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ଏକପାଖିଆ ବିଜୟ ହାସଲ କରିଛି । ବାଲେନ୍ ନାମରେ ପରିଚିତ ଏହି ଯୁବ ନେତା ନେପାଳର ଚାରିଥରିଆ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଛନ୍ତି । କର୍ଣ୍ଣାଟକରେ ପାଠ ପଢୁଥିବା ବାଲେନ୍ ପୂର୍ବରୁ ରାପର ଭାବେ ଲୋକପ୍ରିୟତା ଅର୍ଜନ କରିଥିବାବେଳେ ୨୦୨୦ରେ କାଠମାଣ୍ଡୁ ମେୟର ହୋଇ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନେପାଳ ନେତାମାନଙ୍କୁ ଟାର୍ଗେଟ୍ କରି ସେ ଗାଇଥିବା ରାପ୍ ସଙ୍ଗ ବଳିଦାନ ଘରେଘରେ ଲୋକପ୍ରିୟ ହୋଇଯାଇଥିଲା । ଦୀର୍ଘଦିନ ଧରି ଏକଛତ୍ରବାଦ ଶାସନର ପରିଣାମ କ'ଣ ହୋଇପାରେ ତାହା ନେପାଳ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ।

# 'ଘୋଡ଼ା' ନହେଉଣୁ ବଦନାମ୍



ଏଥର ରାଜ୍ୟସଭା ନିର୍ବାଚନରେ ଘୋଡ଼ାବେପାର ହେବା ନିଶ୍ଚିତ। ଦିଲ୍ଲୀପ ରାୟ ନିଜେ ଏନେଇ ସଂକେତ ଦେଇସାରିଛନ୍ତି। ୨୦୦୨ ଭଳି ଏଥର ଜିତିବେ ବୋଲି ଦିଲ୍ଲୀପ କହିବା ପରେ କେଉଁ ବିଜେଡ଼ି ଆଉ କଂଗ୍ରେସ ନେତା କ୍ରସଭୋଟିଂ କରିପାରନ୍ତି ସେନେଇ ରାଜନୀତିକ ମହଲରେ ଚର୍ଚ୍ଚା ଜୋର୍ ଧରିବା ସ୍ୱାଭାବିକ। ତେବେ 'ଘୋଡ଼ା' ହେବା ପୂର୍ବରୁ ବା କ୍ରସ୍‌ଭୋଟିଂ କରିବା ପୂର୍ବରୁ ଅନେକ ନେତା ବଦନାମ୍ ହେବାରେ ଲାଗିଛନ୍ତି ।

ଏଇ ଯେମିତି ତାରା ବାହିନୀପତି । କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ତାଙ୍କର ଖ୍ୟାତି ରହିଛି । ୨୦୦୨ରେ ସେ ଦିଲ୍ଲୀପ ରାୟଙ୍କୁ ସିକ୍ରେଟ୍ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଥିଲେ। ଦିଲ୍ଲୀପଙ୍କ ସହ ଭଲ ସମ୍ପର୍କ ଥିବାରୁ ମିଡ଼ିଆ ଓ ସୋସିଆଲ ମିଡ଼ିଆରେ ଏମିତି ଚର୍ଚ୍ଚା ହେଉଛି । ସେହିପରି ବିଧାୟକ ରମେଶ ଜେନାଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ବିଭୀଷଣ ବୋଲି ଆଖ୍ୟା ଦେଇଛନ୍ତି। ଭକ୍ତଙ୍କ ଉପରେ ରାଗ ରଖି ସେ କ୍ରସଭୋଟିଂ କରିପାରନ୍ତି ବୋଲି କେତେକ ଯୁକ୍ତି ଦର୍ଶାଉଛନ୍ତି। ସେହିପରି ସୋଫିଆ ଫିର୍ଦୋଷଙ୍କ ବାପା ମହମ୍ମଦ ମୋକିମଙ୍କୁ କଂଗ୍ରେସ ନିଲମ୍ବିତ କରିଛି। ଏମିତିବି ଏସଂକ୍ରାନ୍ତୀୟ କଂଗ୍ରେସର ବୈଠକକୁ ବି ସୋଫିଆ ଆସୁନାହାନ୍ତି। ତେଣୁ ତାଙ୍କ ଭୋଟ୍ ଦିଲ୍ଲୀପଙ୍କୁ ଯାଇପାରେ ବୋଲି ଅନୁମାନ କରାଯାଉଛି। ନିକଟରେ ସୌଭିକ ବିଶ୍ୱାଳଙ୍କ ବାପା ପ୍ରଭାତ ବିଶ୍ୱାଳଙ୍କୁ ଦଳ ବହିଷ୍କାର କରିଛି। ସୌଭିକ ଓ ପ୍ରଭାତଙ୍କୁ କେତେକ ବରିଷ୍ଠ ନେତା ଅପମାନିତ ବି କରିଛନ୍ତି। ତେଣୁ ତାଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କର ଅନେକ ବିଜେପି ନେତାଙ୍କ ସହ ଭଲ ସମ୍ପର୍କ ଥିବାରୁ ତାଙ୍କ ନାମକୁ ନେଇ କେତେକ ଗଣମାଧ୍ୟମରେ ଚର୍ଚ୍ଚା ବି ହେଉଛି। ଏମିତିବି ବିଧାୟକ ବଦ୍ରି ନାରାୟଣ ପାତ୍ର ଆଜିକାଲି ଦଳର ପରିଚାଳନାକୁ ନେଇ ସବୁବେଳେ ପ୍ରଶ୍ନ ଉଠାଇ ଆସୁଛନ୍ତି । ସଂତୃପ୍ତ ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ବି ସେ ପରୋକ୍ଷରେ ବିରୋଧ କରିଥିଲେ । ତେବେ ଦଣ୍ଡେଶ୍ୱର ହୋତା ତାଙ୍କୁ ଭେଟି ଆଲୋଚନା କରିଛନ୍ତି । ବଦ୍ରିଙ୍କ ପୁଅଙ୍କ ସହ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କର ଭଲ ସମ୍ପର୍କ ରହିଛି। ସ୍ୱାଭାବିକ ଭାବେ ବଦ୍ରିଙ୍କ ଉପରେ ବି ନଜର ରହିଛି । ଅପରପକ୍ଷରେ ବିଜେଡ଼ି ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ନେଇ ଚର୍ଚ୍ଚା ହେବାର କାରଣଟି ହେଉଛି, ତାଙ୍କର ହାଇଟେକ ମେଡ଼ିକାଲ କଲେଜ ଥିବାରୁ ଉପରୁ ଚାପ ପଡ଼ିପାରେ। ତେବେ ଏମାନଙ୍କ ମଧ୍ୟରୁ କେହିବି କ୍ରସଭୋଟିଂ ନେଇ ମୁହଁ ଖୋଲିନାହାନ୍ତି। ସମସ୍ତେ ଦଳୀୟ ଲାଇନ୍‌ରେ ଭୋଟ୍ ଦେବେ ବୋଲି କହୁଛନ୍ତି। ତେଣୁ ଏବେଠାରୁ ତାଙ୍କୁ ବଦନାମ୍ କରିବାର ଆବଶ୍ୟକତା କ'ଣ? ଭୋଟ୍ ସରୁ, କ୍ଷୀର ପାଣି ଅଲଗା ହୋଇଯିବ । ଟିକେ ମିଡ଼ିଆବାଲା ଧୈର୍ଯ୍ୟ ଧରିଲେ ଭଲ ।


ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

## ଘୋଡ଼ା ବେପାରର ଘୋର ବିରୋଧୀ ନବୀନ



ପିସିସି ସଭାପତି ଭକ୍ତ ଚରଣ ଦାସ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ କଥା ହୋଇଥିଲେ। ସେତେବେଳେ ନବୀନ ବାବୁ କହିଥିଲେ, ଭକ୍ତ ବାବୁ ଆମକୁ ଘୋଡ଼ା ବେପାର ରୋକିବାକୁ ପଡ଼ିବ। ମୁଁ ତାହାର ଘୋର ବିରୋଧୀ। ଟଙ୍କା ପଇସା କାରବାର ଠିକ୍ କଥା ନୁହେଁ। ହେଲେ ନବୀନ ବାବୁ ୨୦୧୦ ଘୋଡ଼ା ବେପାରକୁ କେମିତି ଭୁଲିଗଲେ। ଦୁଇ କଂଗ୍ରେସ ବିଧାୟକ ଓ ଜଣେ ବିଜେପି ବିଧାୟକ କେମିତି ଅନୁପସ୍ଥିତ ରହିଲେ। ତତ୍କାଳୀନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଭୂମିକା କ'ଣ ଥିଲା? ଅବଶ୍ୟ ୧୬ ବର୍ଷ ବିତିଗଲାଣି ବୋଲି ନବୀନ ବୋଧେ ପାଶୋରି ଦେଇଛନ୍ତି। ସେତେବେଳେ ନବୀନ କୁଆଡ଼େ ଗୃହ ବିଭାଗ ଜରିଆରେ ତଦନ୍ତ କରିଥିଲେ। ମାମଲାର ତଦନ୍ତ କରିବାକୁ ନିର୍ବାଚନ କମିଶନଙ୍କୁ ବି ନବୀନ ଚିଠି ଲେଖିଥିଲେ। ସେତେବେଳେ ଏହା ଚର୍ଚ୍ଚା ସୃଷ୍ଟି କରିଥିବାବେଳେ, ତାହା ଏକ ଆଇୱାସ୍ ଥିଲା ବୋଲି ଖୋଦ୍ କଂଗ୍ରେସ ବି କହିଥିଲା।

## 'ଘୋଡ଼ା' ବଦନାମ୍ ଅରୁଣଙ୍କ ମନଦୁଃଖ



"ଘୋଡ଼ା କି ପାପ କରିଥିଲାଯେ, କିଏ ବିକ୍ରିବଟା ହେଲେ ଘୋଡ଼ା ବିକ୍ରି ହୁଏ ବୋଲି କହନ୍ତି। କାଇଁ ଛେଳି, ମେଣ୍ଢା କି କୁକୁଡ଼ା, ବତକ କହୁନ।" ବିକ୍ରି ହେଉଥିବା ବିଧାୟକଙ୍କ ପାଇଁ ଘୋଡ଼ାକୁ ବଦନାମ କରାଯାଉଥିବାରୁ ଅରୁଣ ବାବୁଙ୍କର ଭାରି ମନଦୁଃଖ। ସାହିତ୍ୟରେ ଛେନାପୋଡ଼ ସାହୁଙ୍କର ଭାରି ଦଖଲ। ବେହାଲ୍ ବର୍ଷା ହେଉକି ଶୀତୁଆ ସନ୍ଧ୍ୟାରେ ଅରୁଣଙ୍କର ସାହିତ୍ୟ ପ୍ରତିଭା ଦେଖି ସମସ୍ତେ ଟେରା। ହେଲେ ଘୋଡ଼ାକୁ ନେଇ ଓଡ଼ିଆରେ ଅନେକ ରଢ଼ି ରହିଛି। ଯେମିତିକି ଘୋଡ଼ା ଛୁଇଁବା ମାନେ ଶପଥ କରିବା ବା ନିଶ୍ଚିତ କରିବା। ଘୋଡ଼ା ଡିଆଁ ମାନେ ବହୁ କଷ୍ଟକର କାର୍ଯ୍ୟ କରିବା କିମ୍ବା ବହୁତ ବଡ଼ ଲମ୍ଫ ପ୍ରଦାନ କରିବା। ସେମିତି ଘୋଡ଼ା ବେଗରେ ମାନେ ଦ୍ରୁତ ଗତିରେ, ଘୋଡ଼ା ଚାଳିବା ମାନେ ଆୟତ୍ତ କରିବା ବା ଶାସନ କରିବା। ଘୋଡ଼ା ଅଛି, କାଠି ନାହିଁର ମାନେ ସୁବିଧା ଅଛି କିନ୍ତୁ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଉପକରଣ ନାହିଁ। ଏହାଛଡ଼ା ଆଉ କିଛି ଅଶ୍ଳୀଳ ରଢ଼ି ରହିଛି । ସେଠି କାହିଁକି ଛେଳି, ମେଣ୍ଢା, ଗଧ ବ୍ୟବହାର ହୋଇନି ସେଇଟା ଅବଶ୍ୟ ଆମକୁ ଜଣାନାହିଁ। ହେଲେ ଘୋଡ଼ାବେପାର ଶବ୍ଦଟି ଉନବିଂଶ ଶତାବ୍ଦୀର ଆଦ୍ୟଭାଗରେ ବ୍ୟବହୃତ ହୋଇଥିଲା ବୋଲି ଗୁରୁ ଗୁଗୁଲ କହିଛନ୍ତି । ଘୋଡ଼ାକୁ କିଣିବା ଏତେ ସହଜ ନୁହେଁ, ଘୋଡ଼ା ବେପାରୀ ସବୁବେଳେ ମିଛ କହି ଘୋଡ଼ା ବିକନ୍ତି । କ୍ରେତା ସେତିକି ବୁଦ୍ଧିମାନ ଥିଲେ ଯାଇ ଘୋଡ଼ା କିଣିହେବ। ତେଣୁ ଘୋଡ଼ାବେପାରର ମହତ୍ତ୍ୱ ବୁଝାଇବାକୁ ଗୁରୁ ଗୁଗୁଲ ଏମିତି କିଛି କହିଛନ୍ତି ।

## ମହାମୂର୍ଖ ଉବାଚ



**| ଡ଼ଃ କୁଳାଙ୍ଗାର |**

ଘୋଡ଼ାଙ୍କ ଦାବି ପୂରଣ ହେଉ!
ରାଜ୍ୟସଭା କସରତ ଯେତେ-
ଯେତେ ହୁଏ କମ୍ପମାନ;
ବୁଝି ହୁଏନାଇଁ ଘୋଡାବେପାର
ଶବ୍ଦ କାହିଁକି ଶୁଭେ ଘନଘନ?
ଶୁଣି ଏ ଖବରମାନ,
ଦୁଃଖେ ମିୟମ୍ରାଣ ହୁଏ
ରାଇଜର ଘୋଡ଼ାଙ୍କର ମନ!!

ଘୋଡାମାନେ ରାଜଧାନୀର
ଲୋୟର ପିଏମଜିକୁ ଆସି;
ଏ ଅନ୍ୟାୟର ଦୃଢ଼ ବିରୋଧ
କରିବାକୁ ବିଚାର କଲେ ବସି!
ବୁଢ଼ା - ମଧ - ଷୋହଳ ବୟସୀ,
ପାଟିକଲେ ଚାଲ ଯିବା
ସେ ସଦନ ଭିତରେ ପଶି!!

ଘୋଡା ସଂଘର ସଭାପତି କହିଲେ
ନିୟମ ଭାଙ୍ଗିବା ନାହିଁ;
ଆମେ କଣ ଗଧ ନା ସ୍ୱାର୍ଥପର-
ମଣିଷ ହୋଇଛେ ଭାଇ?
ଗାନ୍ଧୀଙ୍କର ନୀତି ଆପଣେଇ,
ଚାଲଯିବା ନେତାଙ୍କୁ ଆମର
ବିରୋଧ ସ୍ୱର ଜଣେଇବା ପାଇଁ!

ଟୋକା ଘୋଡାମାନେ କହିଲେ-
ହେଃ କିଛି ଦୋଷ ନାଇଁ ;
ମଣିଷ ଟୋକା ପରା ବଟିକା କିଣି
ଖାଉଛନ୍ତି ଘୋଡା ହେବାପାଇଁ!
ଏବେ ଘୋଡ଼ୀ କହେ ଥାଇ,
ନାରୀ ନର୍ତ୍ତକୀ ପରା ଆମ ପରି
ବୁଟି ରଙ୍ଗକରି ଉଲଗ୍ନ ନାଚଇ!!


ସେଇ ରାସ୍ତା ପାଖରେ ଥିଲା
ନେତାଙ୍କ ସୁରମ୍ୟ ବାସଘର;
ଆଲୋଚନା ପାଇଁ ତା ଭିତରେ
ପଶିଗଲା କମିଟି ଘୋଡମାନଙ୍କର!
ଦେଖି ନେତା ଥରହର,
ଇଚ୍ଛା ନଥିଲେ ବି ଶୁଣିବାକୁ ବାଧ
ହେଲେ ଦାବି ଘୋଡା ମାନଙ୍କର!!

ଘୋଡାମାନେ କହିଲେ ମଣିଷ ଯଦି
ବିକ୍ରୀହୁଏ କୌଣସି ପ୍ରକାରେ;
କୁହନ୍ତୁ ଘୋଡ଼ାଏ ବଦନାମ
କାହିଁକି ହୁଅନ୍ତି ବେକାରେ?
ଯଦି ନିହାତି ଦର୍କାରେ ,
ଘୋଡା ବେପାର ନକହି
କହୁନ ଗଧ ବେପାର ପ୍ରକାରେ!!

ନେତା କହିଲେ- ଯେଣୁ ଆଗକାଳେ
ତମ ଘୋଡାଦର ଅଧିକ ଥିଲା;
ଏଇ ବହୁଳ ବ୍ୟବହାର କଥାଟିକୁ
ବ୍ୟବହାର କରନ୍ତି ମିଡ଼ିଆବାଲା!
କରି ମୋବାଇଲି ମେଲା,
କହିଲେ - ହେଇଟି ଦେଖୁନ ଆମ
ଭିତରୁ ଜଣେ ଏହାର ବିରୋଧ କଲା!


ଘୋଡାମାନେ କହିଲେ ହେ ନେତା
ତମେ ଗୋଟେ କାମ କର;
ଏବେ ତ ପ୍ରତିଦିନ ଘୁ ଘୁ
ବଢ଼ି ଚାଲିଛି ସୁନାଦର!
ନକହିକି ଘୋଡାବେପାର,
କହୁନ କହିବେ ଏଇଟାକୁ
ସେଇ ସୁନା ବେପାର!!

ନେତା କହିଲେ ହଁ ଚଳନ୍ତା ଯେ
ମିଡ଼ିଆକୁ କିଏ ବୁଝେଇବ;
କିଏ କହିବ ନାଇଁ ନାଇଁ ଧରିବନି
ଆଉ କିଏ ଓଲଟା ବୁଝି କହିବ
ଏ ଶବ୍ଦଟା ଅଶ୍ଳୀଳ ଶୁଭିବ!
ମୁଁ କହିଲେ କି ହବ,
ତମେମାନେ ଯାଉନ ଜୟଦେବ
ଭବନ ସାମ୍ନାରେ ନିଜେ ବୁଝେଇବ!!



ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ରାଜନୀତି ଛାଡ଼ିଦେଲେ ମନ୍ମଥ ଓ ସିଦ୍ଧାର୍ଥ !





ଏକଦା ସୁର ରାଉତରାୟଙ୍କ ଦୁଇ ପୁଅ ମନ୍ମଥ ରାଉତରାୟ ଓ ସିଦ୍ଧାର୍ଥ ରାଉତରାୟଙ୍କୁ ନେଇ ଜୋରଦାର ଚର୍ଚ୍ଚା ହେଉଥିଲା। ଘର ଭିତରର ରାଜନୀତି କଳି ପଦାରେ ବି ପଡ଼ିଥିଲା। ଦୁଇ ଭାଇ ଗଣମାଧ୍ୟମରେ ପରସ୍ପରକୁ ଧୋଇବାରେ ଲାଗିଥିଲେ। ଶେଷରେ ସ୍ଥିତି ଏମିତି ହେଲାଯେ, ପରସ୍ପରକୁ ଧୋଇବା ଭିତରେ ସେମାନଙ୍କ ନିଜ ନିଜର ରାଜନୀତିକ କ୍ୟାରିୟର ବି ଧୋଇଯାଇଛି। ଗତ କିଛିମାସ ଧରି ସିଦ୍ଧାର୍ଥ ରାଉତରାୟଙ୍କ ପୋଷ୍ଟ ଆଉ ଦେଖିବାକୁ ମିଳୁନାହିଁ । ନିମାପଡ଼ା ଯିବା ରାସ୍ତା ବି ଭୁଲି ସାରିଲେଣି କହିଲେ ଭୁଲ୍ ହେବନାହିଁ। ସେପଟେ ନିମାପଡ଼ା କଂଗ୍ରେସକୁ ସତ୍ୟବ୍ରତ ପାତ୍ର ଓରଫ ରମୁ ପାତ୍ର ଏଣ୍ଟ୍ରି ମାରିବାକୁ ଯାଉଛନ୍ତି। ସିଦ୍ଧାର୍ଥ ବି ନିଜେ ପୋଷ୍ଟ କରି ଏକଥା ଜଣାଇଛନ୍ତି। ନିମାପଡ଼ାରେ ଏବେ ରମୁଙ୍କୁ ନେଇ ଚର୍ଚ୍ଚା ହେଉଥିବାରୁ ସିଦ୍ଧାର୍ଥ ଆଉ ନିମାପଡ଼ା ରାଜନୀତି କରିବେନି ବୋଲି ଅନୁମାନ କରାଯାଉଛି।

ଅପରପକ୍ଷରେ ମନ୍ମଥ ରାଉତରାୟଙ୍କୁ ବିଜେଡ଼ି ଭୁବନେଶ୍ୱର ଲୋକସଭା ଟିକେଟ୍ ଦେଇଥିଲା। ନିର୍ବାଚନରେ ହାରିବା ପରେ ବି ମନ୍ମଥ ଦଳରେ ବେଶ୍ ସକ୍ରିୟ ଥିଲେ। ସବୁ କାର୍ଯ୍ୟକ୍ରମରେ ସେ ଆଗଧାଡ଼ିରେ ବି ରହିଥିଲେ। ନୂଆପଡ଼ା ଉପନିର୍ବାଚନ ବେଳେ ବି ତାଙ୍କୁ ଦାୟିତ୍ୱ ମିଳିଥିଲା। ହେଲେ ଧିରେଧିରେ ସେ ବିଜେଡ଼ି ରାଜନୀତିରୁ ଅପସରି ଯାଇଛନ୍ତି। ନିକଟ ଅତୀତରେ ଅନେକ ଛୋଟ ବଡ଼ ଦଳୀୟ କାର୍ଯ୍ୟକ୍ରମ ହୋଇଥିଲେବି ମନ୍ମଥଙ୍କୁ ଦେଖିବାକୁ ମିଳୁନାହିଁ। ଦଳରେ ଗୁରୁତ୍ୱ ମିଳୁନଥିବା ସେ ଅନୁଭବ କରୁଛନ୍ତି। ଏପରିକି ୨୦୨୯ ପାଇଁ ବିଜେଡ଼ି ବି ଭୁବନେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଖୋଜିବାରେ ଲାଗିପଡ଼ିଛି। ବୋଧହୁଏ ଏକଥା ଜାଣିବା ପରେ ମନ୍ମଥଙ୍କ ମନ କଷ୍ଟ ହୋଇଛି। ଖାଲି ସେତିକିନୁହେଁ ଖୋର୍ଦ୍ଧା ବିଜେଡ଼ି ଜିଲ୍ଲା ସଭାପତି ବି ଚୟନ କରାଯାଇପାରୁନାହିଁ। ସମ୍ପ୍ରତି ବିଜେଡ଼ିର ଦୁଇ ଟାଣୁଆ ନେତା ରାଜେନ୍ଦ୍ର ସାହୁ ଓ ବିଭୂତି ବଳବନ୍ତରାୟ ରାଜ୍ୟ କମିଟିରେ ସ୍ଥାନ ପାଇଥିବାରୁ ପ୍ରଦୀପ ସାହୁ ନା ମନ୍ମଥ ରାଉତରାୟଙ୍କୁ ଦଳ ଦାୟିତ୍ୱ ଦେବ ତାହା ବୁଝି ପାରୁନାହିଁ। ପ୍ରଦୀପ ୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ବିଜେଡ଼ିକୁ ଆସିଥିବାବେଳେ ମନ୍ମଥ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡ଼ିକୁ ଆସିଥିଲେ। ଉଭୟ କଂଗ୍ରେସର ହୋଇଥିବାରୁ କାଳେ ଜିଲ୍ଲା ବିଜେଡ଼ି ନେତା ଗ୍ରହଣ କରିବେ ନାହିଁ ସେହି ଚିନ୍ତା ଦଳକୁ ଘାରିଛି । ତେବେ ସେ ଯାହାହେଉନା କାହିଁକି ଦୁଇ ଭାଇ ରାଜନୀତି ଛାଡ଼ିଦେଇଥିବାରୁ ସୁର ରାଉତରାୟ ନିଜେ ସକ୍ରିୟ ରାଜନୀତି ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି।

# ଚର୍ଚ୍ଚାରେ **ସମ୍ପଦଙ୍କ** ହୋଲି



ଆଜିକାଲି ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କର ସରକାର ଆଉ ଦଳରେ ଭାରି କାଟ୍‌ତି। ହେବନି କେମିତି କହୁନାହାନ୍ତି, ରାଜ୍ୟରେ ଏବେ ନୂଆ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଯାଇଛି। ଲକ୍ଷ ଲକ୍ଷ କୋଟିର ନିବେଶ ଆସିଲାଣି। ସରକାରର ମୁଖିଆ ଭାବେ ପୁଞ୍ଜି ସଫଳତା ପାଇଁ ମୋହନ ଚରଣ ମାଝୀଙ୍କ ନାମ ଇତିହାସରେ ଫର୍ଦ୍ଦେ ରହିଲେ, ସମ୍ପଦ ଶିଳ୍ପମନ୍ତ୍ରୀ ଥିବାରୁ ତାଙ୍କ ପାଇଁ ବି ଇତିହାସରେ ପାରାଏ ରହିବ । ଏଇ ନିକଟରେ ସମ୍ପଦ ବାବୁ ପାରାଦୀପରେ ହୋଲି ଖେଳିଲେ । ନେତା ହୁଅନ୍ତୁ କି ଠିକାଦାର, ସମ୍ପଦଙ୍କ ଦେହରେ ରଙ୍ଗ ଟିକେ ବୋଳିବାକୁ ପ୍ରବଳ ଭିଡ଼ ଲାଗିଥିଲା । ହେଲେ ସମ୍ପଦ ବାବୁ କିନ୍ତୁ ହୋଲି ଖେଳିବାକୁ ଅନାଥାଶ୍ରମ ଆଡ଼େ ମାଡ଼ି ଯାଇଥିଲେ। ପାରାଦୀପଗଡ଼ ନିମିଡ଼ି ଠାରେ ଥିବା ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ଅନାଥ ପିଲାମାନଙ୍କ ସହ ବେଶ କିଛି ସମୟ ହୋଲି ଖେଳିଥିଲେ । ପିଲାଙ୍କ ଦେହରେ ଅବିର ବୋଳି ମିଠା ବି ଖୁଆଇଥିଲେ। ପିଲାମାନେ ବି ମନ୍ତ୍ରୀଙ୍କୁ ପାଖରେ ପାଇ ଖୁସିରେ ନାଚି ଉଠିଥିଲେ। ସୋସିଆଲ ମିଡ଼ିଆରେ ସମ୍ପଦଙ୍କ ହୋଲି ବେଶ୍ ଭାଇରାଲ୍ ବି ହେଉଛି।

ଗର୍ବିତ ଓଡ଼ିଆ

# ଏନଟିଆରଙ୍କ 'ଚୈତନ୍ୟ ରଥ' ବନାମ ବିଜୁବାବୁଙ୍କ 'କଳିଙ୍ଗ ରଥ'


**କଟକରୁ ଚିତ୍ତ ରଞ୍ଜନ ମହାନ୍ତି**

ବିଜୁ ପଟ୍ଟନାୟକ, ଓଡ଼ିଶାର ଦୂରଦର୍ଶୀ ଜନନେତା ଓ ସ୍ୱାଧୀନତା ସଂଗ୍ରାମୀ । ତାଙ୍କର ଏକ ଅନନ୍ୟ ପ୍ରତୀକ ଥିଲା ୧୯୫୮ ମଡେଲ୍‌ର ଷ୍ଟେସନ ୱାଗନ । ଏହି ଗାଡ଼ି, ଯାହାକୁ 'କଳିଙ୍ଗ ରଥ' ନାମରେ ଜଣାଶୁଣା, ବିଜୁବାବୁଙ୍କ ଅମର ଉତ୍ତରାଧିକାରୀର ପ୍ରତିଫଳନ କରେ। ପ୍ରାୟ ୪୦ ବର୍ଷ ପର୍ଯ୍ୟନ୍ତ ସେ ଏହି ଗାଡ଼ିକୁ ଚଳାଇଥିଲେ, ଯାହା ତାଙ୍କର ଜନସାଧାରଣଙ୍କ ପ୍ରତି ପ୍ରତିବଦ୍ଧତାର ପ୍ରମାଣ। ଏହି ଆଇକନିକ୍ ଯାନ, ବିଜୁଙ୍କ ଅଟଳ ଆତ୍ମାର ପ୍ରତୀକ, ଓଡ଼ିଶାର ରାଜନୈତିକ ଇତିହାସରେ ଏକ ସ୍ଥାୟୀ ସ୍ଥାନ ଅଧିକାର କରିଛି।

ଏକ ପ୍ରମୁଖ ନିର୍ବାଚନରେ ପରାଜୟ ପରେ ବିଜୁବାବୁ ତାଙ୍କ ଜୀବନଶୈଳୀକୁ ପୁନର୍ବିଚାର କଲେ। ସେ ଅଧିକାଂଶ ସମ୍ପତ୍ତି ତ୍ୟାଗ କରି କେବଳ ଦୁଇଟି ଯାନ ରଖିଥିଲେ। ଯାହାମଧ୍ୟରେ ଏହି ଷ୍ଟେସନ ୱାଗନ ଅନ୍ତର୍ଭୁକ୍ତ। ଏହି ନିଷ୍ପତ୍ତି ତାଙ୍କର ନିରାଡମ୍ବର ଜୀବନ ଓ ଜନସେବା ପ୍ରତି ଉତ୍ସର୍ଗୀକରଣର ପ୍ରମାଣ।

କଳିଙ୍ଗ ରଥରେ ସେ ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣକୁ ଯାତ୍ରା କରିଥିଲେ, ଲୋକଙ୍କୁ ସଂଗଠିତ କରି ପରିବର୍ତ୍ତନର ବାର୍ତ୍ତା ପ୍ରଚାର କରିଥିଲେ। ପରେ ଏହି ଯାତ୍ରାକୁ ବିସ୍ତାର କରି ସେ କେରଳରେ ପହଞ୍ଚିଥିଲେ। ଯେଉଁଠି ତାଙ୍କର ପ୍ରେରଣାଦାୟୀ ଉପସ୍ଥିତି ଅନେକ ସାମାଜିକ ପରିବର୍ତ୍ତନର ଆରମ୍ଭ କରିଥିଲା।




ODIA WEEKLY GARVIT ODIA

ଏହି ରଥର ପ୍ରେରଣା ଆସିଥିଲା ଆନ୍ଧ୍ରପ୍ରଦେଶର ରାଜନେତା ଏନଟି ରାମାରାଓଙ୍କ 'ଚୈତନ୍ୟ ରଥ'ରୁ। ସମାଜ ସମ୍ପାଦକ ରାଧାନାଥ ରଥ ଏକ ସ୍ତମ୍ଭରେ ପ୍ରସ୍ତାବ ଦେଇଥିଲେଯେ, ବିଜୁବାବୁ ତାଙ୍କ ଆନ୍ଧ୍ର ସମକକ୍ଷ ଏନ୍‌ଟିଆରଙ୍କ ନବୀନ ଉପାୟକୁ ଅନୁସରଣ କରି କଳିଙ୍ଗ ରଥ ଆରମ୍ଭ କରି ଏକ ଶକ୍ତିଶାଳୀ ବାର୍ତ୍ତା ଦେଇପାରିବେ। ଏନଟି ରାମା ରାଓ, ଯାହାଙ୍କୁ ଏନ୍‌ଟିଆର ନାମରେ ଜଣାଶୁଣା ।୧୯୮୨ରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ପ୍ରତିଷ୍ଠା କରିଥିଲେ। ସେ ଏକ ପୁରୁଣା ୧୯୫୦ ମଡେଲର ଚେଭ୍ରୋଲେଟ ଭ୍ୟାନକୁ ପରିବର୍ତ୍ତନ କରି \"ଚୈତନ୍ୟ ରଥ' ନାମ ଦେଇଥିଲେ, ଯାହା ଅର୍ଥ \"ଜାଗରଣର ରଥ'।

ଏହି ରଥରେ ସେ ୯ ମାସରେ ଆନ୍ଧ୍ରପ୍ରଦେଶର ପ୍ରତ୍ୟେକ ଜିଲ୍ଲାକୁ ୪ ଥର ଯାତ୍ରା କରି ୪୦ ହଜାରରୁ ୭୫ ହଜାର କିଲୋମିଟର ଅତିକ୍ରମ କରିଥିଲେ। ରଥରେ ସନରୁଫ୍, ଘୂର୍ଣ୍ଣନଶୀଳ ଚେୟାର, ଟେବୁଲ, ପାବ୍ଲିକ ଆଡ୍‌ରେସ ସିଷ୍ଟମ ଓ ଫୋକସ ଲାଇଟଲେ। ତାଙ୍କ ପୁଅ ନନ୍ଦମୁରି ହରିକୃଷ୍ଣ ଏହି ରଥର ଚାଳକ ଥିଲେ। ଏନ୍‌ଟିଆର ରାସ୍ତାକଡ଼ରେ ଖାଇବା, ଶୋଇବା କାମ କରୁଥିଲେ, ରାସ୍ତାକଡ଼ରେ ସ୍ନାନ କରୁଥିଲେ ଓ ତାଙ୍କ ଦୁଇ ପୁଅଙ୍କ ବାହାଘରକୁ ମଧ୍ୟ ଉପେକ୍ଷା କରିଥିଲେ।

ଏହି ଅଭିଯାନ ରାଜନୀତିରେ ରଥ ଯାତ୍ରାର ପ୍ରବର୍ତ୍ତକ ହୋଇଥିଲା। ଗିନିଜ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଥିଲା। ୧୯୮୩ ନିର୍ବାଚନରେ ଏହା ତାଙ୍କୁ ବିପୁଳ ବିଜୟ ଆଣିଦେଇଥିଲା। ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ୧୯୮୫, ୧୯୮୯ ଓ ନ୍ୟାସନାଲ ଫ୍ରଣ୍ଟ ଅଭିଯାନରେ ମଧ୍ୟ ଏହି ରଥ ବ୍ୟବହାର ହୋଇଥିଲା । ଏହି ପ୍ରେରଣାରେ ବିଜୁବାବୁଙ୍କ ସମର୍ଥକମାନେ ତାଙ୍କ ଗାଡ଼ିରେ \"କଳିଙ୍ଗ ରଥ' ଲେଖି ଓ ଏୟାର୍ କଣ୍ଡିସନର୍ ଯୋଡ଼ି ଏହାକୁ ନୂଆ ଜୀବନ ଦେଇଥିଲେ। କଳିଙ୍ଗ ରଥ ବିଜୁଙ୍କ ଜନସମ୍ପର୍କ ଓ ପରିବର୍ତ୍ତନର ପ୍ରତୀକ ହୋଇ ରହିଛି, ଯାହା ଏନଟିଆରଙ୍କ ଚୈତନ୍ୟ ରଥର ସମାନ୍ତରାଳରେ ରାଜନୈତିକ ଅଭିନବତାର ଉଦାହରଣ। ଏହି ଦୁଇ ରଥ ଭାରତୀୟ ରାଜନୀତିରେ ଜନସମ୍ପର୍କର ନୂଆ ଅଧ୍ୟାୟ ଲେଖିଛନ୍ତି।

## ବିଜେଡ଼ି ଲେଖୁଛି ବିଜୁଙ୍କ ନୂଆ ଇତିହାସ

'ବିଜୁଙ୍କର ଗେହ୍ଲାପୁଅ ହେଉଛନ୍ତି ନବୀନ ପଟ୍ଟନାୟକ। ସେଇଥିପାଇଁ ବିଜୁବାବୁ ତାଙ୍କ ଘରର ନାମ ନବୀନ ନିବାସ ରଖିôଥିଲେ। ନବୀନ ବାବୁ ସବୁବେଳେ ତାଙ୍କ ବାପାଙ୍କ ସହ ଛାଇ ହୋଇ ରହୁଥିଲେ। ଅବଶ୍ୟ ସେ ସାମ୍ନାକୁ ଆସୁନଥିବାରୁ ବିଜୁଙ୍କ ସହ ନବୀନଙ୍କ ଫଟୋ ବେଶୀ ଦେଖିବାକୁ ମିଳେନାହିଁ। ତାଙ୍କର ସବୁ ରାଜନୀତିକ କଥା ସେତେବେଳେ ନବୀନ ବାବୁ ହିଁ ବୁଝୁଥିଲେ । ହେଲେ ଶେଷ ସମୟରେ ସେ ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟଙ୍କ କଥାରେ ପରିଚାଳିତ ହେଲେ। ସେଇ ଦିଜଣ ଚକ୍ରାନ୍ତ କରି ବିଜୁବାବୁଙ୍କୁ ମେଡ଼ିକାଲ ନେଲେନି । ନବୀନ ବାବୁ, ପ୍ରେମ ବାବୁ ଓ ଗୀତା ମେହେଟ୍ଟା ତାଙ୍କର ପୁଅ ଝିଅ ହୋଇଥିଲେବି ବିଜୟ ଓ ଦିଲ୍ଲୀପ ତାଙ୍କୁ ଘରେ ପୂରାଇ ଦେଇନଥିଲେ। ଗେଟ୍ ମୁହଁରେ ଦରୁୱାନ ଜଗାଇଥିଲେ। ଶେଷ ସମୟରେ ପିଲାମାନଙ୍କ ସହ ବି ବିଜୁବାବୁଙ୍କର ସାକ୍ଷାତ ହୋଇପାରିଲାନି। ସାମାନ୍ୟ ଥଣ୍ଡା କାଶ ରୋଗରେ ପଡ଼ିବି ବିଜୁବାବୁଙ୍କ ଭଳି ଜଣେ ପ୍ରବାଦ ପୁରୁଷ ଅସମୟରେ ଆଖି ବୁଜିଦେଲେ।' ଏତକ ପଢ଼ିବା ପରେ ଆପଣ ଭାବୁଥିବେ ଏଗୁଡ଼ା ଡାହା ମିଛ। ରାଜ୍ୟ ରାଜନୀତିକୁ ନେଇ ଯେଉଁସବୁ ବହି ଲେଖାଯାଇଛି ସେଥିରେ ତ ଏହା ଉଲ୍ଲେଖ ନାହିଁ। ଆଜ୍ଞା ଆପଣ, ଯାହା ଭାବୁଛନ୍ତି ଠିକ୍। ହେଲେ ବିଜେଡ଼ି ଏବେ ବିଜୁଙ୍କୁ ନେଇ ନୂଆ ଇତିହାସ ଲେଖୁଛି। ବିଜୁଙ୍କ ଉପରେ ଯେଉଁ ଡେଙ୍ଗା ମଣିଷ ବହି ଛପା ହୋଇଥିଲା ସେଇଠି ଶେଷ ପାରା ଯୋଡ଼ାଯିବ। ଦିଲ୍ଲୀପ ରାୟଙ୍କୁ ନୀଚା ଦେଖାଇବା ପାଇଁ ବିଜେଡ଼ିର ନେତା ଓ ଟ୍ରୋଲମାନେ ଏମିତି ନ୍ୟାରେଟିଭର ପ୍ରଚାର ପ୍ରସାର କରୁଥିବାବେଳେ ଆଉ ବହି ଲେଖିବାରେ ଅସୁବିଧା କ'ଣ ରହିଛି?

# କମୁଛି **ଅଶ୍ୱିନୀଙ୍କ** କ୍ରେଜ୍



**ଜଳେଶ୍ୱର ରାଜନୀତି**

୨୦୦୦ ମସିହାରୁ ଜଳେଶ୍ୱର ପାଲଟିଛି ଅଶ୍ୱିନୀ ପାତ୍ରଙ୍କ ଗଡ଼ । ୨୦୦୯କୁ ଛାଡ଼ିଦେଲେ ବାକି ସବୁ ନିର୍ବାଚନରେ ତାଙ୍କର ଜିତାପଟ୍ ହୋଇଛି । ୨୦୦୦ ଓ ୨୦୦୪ରେ ସେ ବିଜେପିର ବିଧାୟକ ଥିଲେ । ୨୦୦୯ରେ ବିଜେଡ଼ି-ବିଜେପି ମେଣ୍ଟ ଭାଙ୍ଗି ଯିବାରୁ ତାଙ୍କର ହାଟ୍ରିକ ସ୍ୱପ୍ନ ଅଧୁରା ରହି ଯାଇଥିଲା । ଜଳେଶ୍ୱରରେ ସେ ବେଶ୍ ଲୋକପ୍ରିୟ ହୋଇଥିବା ବେଳେ ତାଙ୍କର ବ୍ୟକ୍ତିଗତ ଭୋଟ୍ ବ୍ୟାଙ୍କ ବି ରହିଛି । ତେଣୁ ବିଜୁ ଜନତା ଦଳ ଅଶ୍ୱିନୀଙ୍କୁ ନିଜ ଆଡକୁ ଟାଣି ନେଇଥିଲା । ବିଜେଡ଼ିର ସାଂଗଠନିକ ଭୋଟ୍ ଓ ଅଶ୍ୱିନୀଙ୍କ ପକେଟ୍ ଭୋଟ ମିଶିଯିବାରୁ ୨୦୧୪, ୨୦୧୯ ଓ ୨୦୨୪ରେ ସେ ବାଜିମାତ୍ କରି ବିଜେଡ଼ିରୁ ହାଟ୍ରିକ ବିଜୟ ହାସଲ କରିଥିଲେ । ଏବେ ତାଙ୍କ ବୟସ ୭୫ ଛୁଇଁଗଲାଣି । ୨୦୨୯ ବେଳକୁ ତାଙ୍କୁ ୭୮ ହୋଇଯାଇଥିବ । ବୟସାଧିକ୍ୟ କାରଣରୁ ସେ ଆଉ ସଂଗଠନ ପ୍ରତି ସେତେଟା ଧ୍ୟାନ ଦେଇପାରୁନାହାନ୍ତି । ସେପଟେ ଗତ ନିର୍ବାଚନରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ । ପୂର୍ବରୁ ଏକପାଖିଆ ନିର୍ବାଚନ ଜିତୁଥିବା ଅଶ୍ୱିନୀ ୨୦୨୪ ନିର୍ବାଚନରେ ମାତ୍ର ୪ ଶହ ଭୋଟରେ ଜିତିଥିଲେ । ବିଜେପି ନେତା ବ୍ରଜମୋହନ ପ୍ରଧାନ ୮୨୭୮୬ ଭୋଟ୍ ପାଇ ଚମକାଇ ଦେଇଥିଲେ । ଏବେ ରାଜ୍ୟରେ ବିଜେପି ସରକାର ଗଢ଼ିଥିବାବେଳେ ବ୍ରଜ ବି ପୂର୍ବାପେକ୍ଷା ବେଶ୍ ସକ୍ରିୟ ହୋଇଯାଇଛନ୍ତି । ୨୦୨୯ରେ ସେ ନିଶ୍ଚିତ ବିଧାୟକ ହେବେବୋଲି ଏବେଠୁ ପାଗ ଭିଡ଼ି ସାରିଲେଣି । ସେହିପରି କଂଗ୍ରେସ ନେତା ସୁଦର୍ଶନ ଦାସ ସକ୍ରିୟ ରହୁଥିଲେବି ଦଳର ସଂଗଠନ ଦୋହଲି ଯାଇଥିବାରୁ ବିଜୟ ସମ୍ଭାବନା ଉଜ୍ଜ୍ୱଳ ହୋଇପାରୁନାହିଁ । ଗାଏମୋଟ୍ କହିଲେ ବିଜେପିର ଶକ୍ତି ବଢୁଥିବାବେଳେ ପଞ୍ଚାୟତ ନିର୍ବାଚନରେ ଏହାର ଟ୍ରେଲର ଦେଖିବାକୁ ମିଳିବ ବୋଲି ଅନୁମାନ କରାଯାଉଛି । ୨୦୨୯ରେ ଅଶ୍ୱିନୀଙ୍କ ନିର୍ବାଚନ ଲଢ଼ିବା ସମ୍ଭାବନା କମ୍ ଥିବାରୁ ତାଙ୍କ ଯାଗା କିଏ ନେବ ତାହାକୁ ନେଇ ଏବେ ଜଳେଶ୍ୱରରେ ଅଙ୍କକଷା ଜୋର୍ ଧରିଛି । ଏମିତିବି ଅଶ୍ୱିନୀଙ୍କର ବିଜେପି ସହ ପୁରୁଣା ସମ୍ପର୍କ ଥିବାବେଳେ ସେ ବିଜେପିକୁ ଯାଇପାରନ୍ତି ବୋଲି କେତେକ ଅନୁଶୀଳନ କରୁଛନ୍ତି । ତେବେ ବିନା ଅଶ୍ୱିନୀରେ ବିଜେପି ଜିତିବାର ସମ୍ଭାବନା ଥିବାରୁ ଦଳ ସେଭଳି କରିବ ନାହିଁ ବୋଲି ରାଜନୀତିକ ସମୀକ୍ଷକମାନେ ମତପୋଷଣ କରନ୍ତି ।

# ଘରକୁ ବାହୁଡ଼ିବେ **ରମୁ**



**ନିମାପଡ଼ା ରାଜନୀତି**

ଏକଦା ନିମାପଡ଼ା କଂଗ୍ରେସକୁ ମଜବୁତ୍ କରିବାରେ ସତ୍ୟବ୍ରତ ପାତ୍ର ଓରଫ ରମୁଙ୍କର ବେଶ୍ ଭୂମିକା ରହିଥିଲା । ୨୦୦୯ ନିର୍ବାଚନରେ ସେ କଂଗ୍ରେସ ଟିକେଟରୁ ଲଢ଼ି ୪୧ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିଲେ । କିନ୍ତୁ ପରେ ରାଜନୀତିକ ଫାଇଦା ଆଶାରେ ସେ ବିଜେଡ଼ିକୁ ଚାଲି ଯାଇଥିଲେ । ତେବେ ସମୀର ଦାସଙ୍କ ପ୍ରଭାବରେ ରମୁ କିନ୍ତୁ ନିଷ୍ପ୍ରଭ ହୋଇଯାଇଥିଲେ । ତଥାପିବି ୨୦୨୯ ପାଇଁ ସେ ଆଶା ରଖିଥିଲେ । ଗୋଟିଏ ପଟେ ସମୀର ଦାସ ଦଳ ଛାଡ଼ି ବିଜେପିକୁ ପଳାଇଥିବାବେଳେ ଅପରପକ୍ଷରେ ବିଜେଡ଼ି ପ୍ରାର୍ଥୀ ଦିଲ୍ଲୀପ ନାୟକ ଜେଲ୍‌ରେ ଥିବାରୁ ରମୁ ପାତ୍ର ନିଜ ଭବିଷ୍ୟତର ଅଙ୍କ କଷୁଥିଲେ । ହେଲେ ସେ ଆଶା ବି ଅପୂରା ରହିଗଲା। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ସୁବ୍ରତ ଛାଟୋଇଙ୍କୁ ବିଜେଡ଼ି ଦାୟିତ୍ୱ ଦେଇଦେଲେ। ବିଜେଡ଼ିରୁ ଆସ୍ଥା ତୁଟିଯିବା ପରେ ରମୁ ଏବେ ନିଜର ପୁରୁଣା ଘର କଂଗ୍ରେସକୁ ବାହୁଡ଼ିବେ । ତେବେ ମଜାର କଥା ହେଉଛି ଏବେ ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡ଼ି ଓ କଂଗ୍ରେସ ମିଳିତ ପ୍ରାର୍ଥୀ ଦେଇଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ ବି ନବୀନଙ୍କୁ ପ୍ରଶଂସାରେ ପୋତି ଦେଉଛନ୍ତି। ଏଭଳି ସ୍ଥିତିରେ ବିଜେଡ଼ି ନେତାଙ୍କୁ କଂଗ୍ରେସ ନେବାପରେ କି ପ୍ରତିକ୍ରିୟା ପ୍ରକାଶ ପାଇବ ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି ।

ଗୋଟେ ପଟେ ଚର୍ଚ୍ଚା ଚାଲିଛି ରମୁଙ୍କୁ ନେଇ କଂଗ୍ରେସ ଏବଂ ବିଜେଡି ଦେଖେଇବାକୁ ଚାହୁଁଛନ୍ତି ଯେ କେବଳ ରାଜ୍ୟସଭା ନିର୍ବାଚନରେ ଉଭୟ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଛନ୍ତି। ଅର୍ଥାତ୍ କଂଗ୍ରେସ ଏବଂ ବିଜେଡି ଏବେ ବି ପରସ୍ପର ଶତ୍ରୁ ବୋଲି ଲୋକଙ୍କୁ ଜଣାଇବାକୁ ଏହି ପ୍ଲାନ୍ କରାଯାଇଛି। ଅପରପକ୍ଷରେ ନିମାପଡ଼ା ଓ କାକଟପୁରକୁ ଭକ୍ତ ନିଜ ଅକ୍ତିଆରକୁ ଆଣିବାକୁ ଏମିତି ଗୋଟି ଖେଳିଛନ୍ତି। କାରଣ କାକଟପୁର କଂଗ୍ରେସ ନେତା ବିଶ୍ୱ ଦାସ ଲୁଲୁଙ୍କ ନାମରେ ନୂଆ କରି ଆରମ୍ଭ କରିଥିବା ଅଭିଯାନ କୁଆଡେ ଭକ୍ତଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି ଭକ୍ତଙ୍କ ସମର୍ଥକ ଆକଳନ କରୁଛନ୍ତି । ତେବେ ଆସନ୍ତା ୧୧ ରେ ରମୁ ହାତ ଧରିବାକୁ ଥିବା ବେଳେ ଏହା ରାଜ୍ୟସଭା ନିର୍ବାଚନ ପରେ ହୋଇଥିଲେ ବିଜେଡି ଓ କଂଗ୍ରେସ ପ୍ରକୃତରେ ଶାସକ ଦଳକୁ ଚେକ୍ ମେଟ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ବାର୍ତ୍ତା ଯାଇଥାନ୍ତା ବୋଲି କିଛି କଂଗ୍ରେସ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ।

# ଠିକାଦାରଙ୍କୁ ଆନ୍ଦୋଳନରୁ ଉଠାଇଲେ ଟିଟୋ, ବାବୁ ଓ ଜଗା

ODIA WEEKLY ● GARVIT ODIA







ସ୍ୱାମୀ ସ୍ତ୍ରୀ କଳି ହେଲେ ଘରର କ୍ଷତି । ଠିକ୍ ସେମିତି ଠିକାଦାର ଓ ସରକାର କଳି ହେଲେ ନେତାଙ୍କ କ୍ଷତି । ନିର୍ବାଚନ ବେଳେ ଠିକାଦାର ନେତାଙ୍କୁ ଚାନ୍ଦା ଦିଅନ୍ତି, ଆଉ ଜିତିବା ପରେ ନେତାଙ୍କଠୁ ଠିକାଦାର କାମଦାମ ନିଅନ୍ତି। ଏ ପରମ୍ପରା ଅନାଦି କାଳରୁ ଚାଲି ଆସିଛି । ଛୋଟମୋଟ ଠିକାଦାରଙ୍କଠୁ ବିଧାୟକ, ଆଉ ଟିକେ ବଡ଼ ହେଲେ ପାର୍ଟି ମାଲ୍‌ଟା ଉଠାଇବା ଗୋଟେ ଧରାବନ୍ଧା କଥା । ଜଣେ ଠିକାଦାର ତ ପୁରୀର ଜଣେ ବାବୁଙ୍କୁ କହିଲେ, ଆମେ ଟେଣ୍ଟ ବାନ୍ଧିବା ପରେ ମନ୍ତ୍ରୀ ଭାଷଣ ଦିଅନ୍ତି ଆଉ ଆମେ ମୋରମ ପକାଇଲେ ପିଏମ ଆସନ୍ତି। ସେ କିଛି ଭୁଲ ବି କହିନାହାନ୍ତି । ପାର୍ଟି କାର୍ଯ୍ୟକ୍ରମ ହେଲେ ଖାଇବା ପିଇବା, ଟେଣ୍ଟ ଆଦି ଯାବତୀୟ କାମ ଠିକାଦାରଙ୍କ ଉପରେ। ବାଲି, ଗୋଡ଼ି, ସିମେଣ୍ଟ ଲାଭରୁ ସେମାନେ କିଛି କିଛି ନେତାଙ୍କୁ ବି ଦିଅନ୍ତି। କିନ୍ତୁ ଗଲା ଦି ସପ୍ତାହ ଧରି, ଠିକାଦାରମାନେ ପ୍ଲାଷ୍ଟିକ ଚଉକି ଉପରେ କଂଗ୍ରେସ ଭବନ ସାଇଡ଼ରେ ସେମିତି ବସି ରହିଥିଲେ। ଠିକାଦାର ଯେହେତୁ ନେତାଙ୍କୁ ଟଙ୍କା ଦିଅନ୍ତି, ସେମାନେ ବି ତୋଡ଼ ଦେଖାଇବାକୁ ଭୁଲିନଥିଲେ। ସେପଟେ ଟିଟୋ ବାବୁ ବି କି ଛାଡ଼ିବା ଲୋକ, ସିଧାସିଧା କହିଦେଲେ, ଠିକାଦାରଙ୍କ କଥାରେ ସରକାର ଚାଲିବନି। ତେବେ ଦିନକୁ ଦିନ କଳି ବଢୁଥିବାରୁ ଉଭୟ ଠିକାଦାର ଆଉ ନେତାଙ୍କର ବି କ୍ଷତି ହୋଇ ଚାଲିଥିଲା। ଠିକାଦାର କାମ ନକଲେ ନେତାଙ୍କ ପକେଟ ମାନ୍ଦା ପଡ଼ିବା ସ୍ୱାଭାବିକ। ଖାଲି ସେମାନେ ନୁହଁନ୍ତି ଯନ୍ତ୍ରୀମାନେ ବି ଭାରି ଦହଗଞ୍ଜ ହୋଇଥିଲେ। କାମ ସରି ବିଲ୍ ହେଲେ ସେମାନେ ବି ଦି ପଇସା ପାଆନ୍ତି। ତିନି ପକ୍ଷଙ୍କର କ୍ଷତି ହେବାପରେ ସମାଧାନର ବାଟଟେ ବାହାରିଛି। ଠିକାଦାର ସଂଘ ପକ୍ଷରୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱରର ଏକମାତ୍ର ବିଜେପି ବିଧାୟକ ବାବୁ ସିଂ ଓ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ତା'ମାନେ ଏଇ ତିନି ନେତାଙ୍କ ପାଇଁ ଠିକାଦାର-ସରକାର ଡିଲ୍ ସଫଳ ହୋଇଛି, ଆଉ ଅଚଳାବସ୍ଥାର ସମାଧାନ ହୋଇଛି। ଏବେ କର୍ମ ହିଁ ଭଗବାନ ନ୍ୟାୟରେ ଠିକାଦାରମାନେ କାମଦାମରେ ଲାଗିପଡ଼ି ନେତା ଓ ଯନ୍ତ୍ରୀଙ୍କ ପକେଟରେ କିଛି କିଛି ଗୁଞ୍ଜି ଦିଅନ୍ତୁ।




# ପତାକା ଉଡ଼ାଇଲେ **ମୋକିମ୍**

ରାଜ୍ୟସଭା ନିର୍ବାଚନରେ ସୋଫିଆ ଫିର୍ଦ୍ଦୋଷ କାହାକୁ ଭୋଟ୍ ଦେବେ? କଂଗ୍ରେସ ବୈଠକରେ ସେ କାହିଁକି ଅନୁପସ୍ଥିତ ରହୁଛନ୍ତି? ଏମିତି ପ୍ରଶ୍ନ ରାଜନୀତିକ ଅଳିନ୍ଦରେ ଘୂରି ବୁଲୁଥିବାବେଳେ ମହମ୍ମଦ ମୋକିମ୍ ନୂଆ ଦଳର ପତାକା ଉଡ଼ାଇଛନ୍ତି । ଓଡ଼ିଶା ଜନତା କଂଗ୍ରେସ ନାମରେ ଦଳ ଗଠନ କରିବାକୁ ସେ ନିର୍ବାଚନ କମିଶନଙ୍କ ନିକଟରେ ଆବେଦନ ବି କରି ସାରିଲେଣି । କିନ୍ତୁ କାଗଜପତ୍ର କାମ ଏଯାଏଁ ସରିପାରିନି । ଅପ୍ରେଲ ୮ରେ ସେ ନୂଆ ଦଳର ବିଧିବଦ୍ଧ ଶୁଭାରମ୍ଭ କରିବାର ଯୋଜନା ରଖିଥିବାବେଳେ ଏବେ ତିନି ରଙ୍ଗିଆ ପତାକାର କିନ୍ତୁ ଶୁଭାରମ୍ଭ କରିଛନ୍ତି । ଏହି ତିନି ରଙ୍ଗ, ଲିବେରାଲ, ଡେମୋକ୍ରାଟିକ୍ ଓ ରିଭୋଲ୍ୟୁସନ୍‌ର ପ୍ରତୀକ ବୋଲି କୁହାଯାଉଛି । ଦେଖାଯାଉ ମୋକିମଙ୍କ ପତାକା ରାଜ୍ୟର କେଉଁ କେଉଁ ଯାଗାରେ ଉଡୁଛି ଆଉ କିଏ ଉଡ଼ାଉଛି?

# ପ୍ରଭାତ ବିଶ୍ୱାଳ ବିଧାୟକ !



ଆଜ୍ଞା ଆମେ ସମସ୍ତେ ଜାଣିଛେ ପ୍ରଭାତ ବିଶ୍ୱାଳ ବିଧାୟକ ନୁହଁନ୍ତି । ୨୦୧୯ରୁ ତାଙ୍କ ଟିକେଟ କଟିସାରିଛି । ଚିଟଫଣ୍ଡ କଳଙ୍କ ପାଇଁ ପ୍ରଭାତଙ୍କ ବଦଳରେ ପୁଅ ସୌଭିକ ଏବେ ବିଧାୟକ ହୋଇଛନ୍ତି । କିନ୍ତୁ ସୌଭିକଙ୍କ କହିବା କଥା, ସେ ରାଜନୀତିରେ ତାଙ୍କ ବାପାଙ୍କୁ ବିଶ୍ୱାସ କରନ୍ତି । ତାଙ୍କ ପାଇଁ ତାଙ୍କ ବାପା ହିଁ ବିଧାୟକ । ସୌଭିକ ନିଜକୁ ବିଧାୟକ ବୋଲି ଭାବୁନାହାନ୍ତି । ଆଗାମୀ ଦିନରେ ସେ ଅନ୍ୟାୟ, ଅନୀତି ଓ ଦୁର୍ନୀତି ବିରୋଧରେ ଲଢ଼େଇ କରିବେ । ଏସବୁ ଭିତରେ ରାଜ୍ୟସଭାରେ ସୌଭିକ କାହାକୁ ଭୋଟ୍ ଦେବେ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି । କିନ୍ତୁ ତାଙ୍କ ହାବଭାବ ଦେଖି ଲାଗୁଛି, ବିଜେଡ଼ି ପ୍ରତି ତାଙ୍କର ମନ ଛାଡ଼ିଗଲାଣି । ୨୦୨୯ରେ ସେ ଆଉ ଶଙ୍ଖ ଚିହ୍ନରେ ନିର୍ବାଚନ ଲଢ଼ିବେନି । ବରଂ ବିଜେପିକୁ ଯିବା ପାଇଁ ସଜବାଜ ହେଉଛନ୍ତି । ବିଜେପିର ଜଣେ ପାୱାରଫୁଲ୍ ନେତାଙ୍କ ସହ ବି ପ୍ରଭାତଙ୍କର ସମ୍ପର୍କ ନିଘଞ୍ଚ ହେବାରେ ଲାଗିଛି । ଯଦି ପ୍ରଭାତ ଓ ତାଙ୍କ ପୁଅ ବିଜେପିକୁ ଯାଆନ୍ତି ତେବେ କଟକ ରାଜନୀତିର ରଙ୍ଗ ବଦଳିଯିବା ନିଶ୍ଚିତ ।

# କଟକରେ ବାଜୁଛି ଫଟା 'ଶଙ୍ଖ'



କଟକରେ ଶଙ୍ଖ ଫାଟିଯାଇଛି । ଦିନକୁ ଦିନ ଫାଟ ବଢୁଛି ପଛେ କମିବାର ନାଁ ଧରୁନି । ଯାହାକି ନବୀନଙ୍କୁ ଚିନ୍ତାରେ ପକାଇ ଦେଇଛି । ନିକଟରେ ଯୁବଛାତ୍ର ବିଜେଡ଼ିର ହୋଲି ମିଳନ କାର୍ଯ୍ୟକ୍ରମ ହୋଇଥିଲା । ସେହି କାର୍ଯ୍ୟକ୍ରମରେ ଦେବାଶିଷ ସାମନ୍ତରାୟ, ଦେବୀରଞ୍ଜନ ତ୍ରିପାଠୀ, ପ୍ରଫୁଲ୍ଲ ସିଂ, ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ହେଲେ ପ୍ରଭାତ ବିଶ୍ୱାଳ, ସୌଭିକ ବିଶ୍ୱାଳ କିମ୍ବା ମେୟର ସୁବାସ ସିଂ ସେଠାରେ ଉପସ୍ଥିତ ନଥିଲେ । ନେତାମାନେ ବିଜୁ ଜୟନ୍ତୀବି ନିଜ ନିଜ ସମର୍ଥକମାନଙ୍କୁ ନେଇ ନିଜ ନିଜ ଢଙ୍ଗରେ ପାଳନ କରିଥିଲେ । ଦେବାଶିଷ ପଥପ୍ରାନ୍ତ ସଭା କରିଥିବାବେଳେ ସୁବାସ ରକ୍ତଦାନ ଶିବିର କରିଥିଲେ । ବିଜେଡ଼ିରୁ ପ୍ରଭାତ ବହିଷ୍କୃତ ହେବାପରେ ସୌଭିକ ବି ଫିଙ୍ଗି ହୋଇଯାଇଛନ୍ତି । ସେ ଏକା ଏକା ଆସି ଆନନ୍ଦଭବନ ଠାରେ ବିଜୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଦେଇ ଚାଲି ଯାଇଥିଲେ ।

# ସଂତୃପ୍ତଙ୍କ ଉପରେ ନବୀନଙ୍କ ଭରସା



ଶଙ୍ଖ ଭବନଠୁ ନେଇ ନବୀନ ନିବାସ ଯାଏଁ, ଏବେବି ପ୍ରୋ-ପାଣ୍ଡିଆନ୍ ଆଉ ଆଣ୍ଟି-ପାଣ୍ଡିଆନଙ୍କ ଭିତରେ ଲଢ଼େଇ ଚାଲିଛି । ଚବିଶ ପୂର୍ବରୁ ବିଜେଡ଼ି ବାଲାଙ୍କ ପାଇଁ ସେ ଦେବତା ଥିଲେ । ହେଲେ କ୍ଷମତା ଯିବା ପରେ ତାଙ୍କୁ ସମସ୍ତେ ଭିଲିଆନ୍ ସଜେଇଦେଲେ । ଅବଶ୍ୟ ବିଜେଡ଼ି ନେତାଙ୍କ ପାଇଁ ରଙ୍ଗ ବଦଳାଇବା ବଡ଼କଥା ନୁହେଁ । ସହିଦ ନଗର ଏକାଡ଼େମୀରେ ନିଇତି ସକାଳ ସଞ୍ଜରେ କ୍ଲାସ୍ କରୁଥିବା ନେତାଏ କେମିତି ନଡ଼ା କୁଟା ପ୍ୟାରୀଙ୍କୁ ଜାଳିଲେ ସେ ଦୃଶ୍ୟ ବି ସାରା ରାଜ୍ୟ ଦେଖିଛି । ପାଣ୍ଡିଆନ୍ ବି ସେତେବେଳେ ପ୍ୟାରୀ ବଧ ନାଟକର ନିର୍ଦ୍ଦେଶନା ବି ଦେଉଥିଲେ । କିନ୍ତୁ ତାଙ୍କ ମଗଜରେ ଦକ୍ଷିଣୀ ବୁଦ୍ଧି ଥିବାରୁ ସେ ଆଉ ଶଙ୍ଖଭବନ କି ନବୀନ ନିବାସ ମାଡୁନାହାନ୍ତି । ତାହା ଦେଖି ଦଳେ ନେତା ଭାବିଥିଲେ ପାଣ୍ଡିଆନଙ୍କ ପରେ ସେମାନେ ଏବେ ଦଳକୁ କରାୟତ୍ତ କରିନେଇଯିବେ । ନବୀନ ବାବୁଙ୍କର ସେମାନେ ଗେହ୍ଲାପୁଅ ପାଲଟିବେ । ହେଲେ ସେମାନେ କ'ଣ ଜାଣିଛନ୍ତି, ପାଣ୍ଡିଆନଙ୍କ ଆଉ ଏକ ଅବତାର ସଂତୃପ୍ତଙ୍କ ରୂପରେ ନବୀନ ନିବାସରେ ବିରାଜମାନ କରିଛନ୍ତି । ଆଜିକା ଦିନରେ ସେ ହେଉଛନ୍ତି ନବୀନ ବାବୁଙ୍କ ରାଜନୈତିକ ସଚିବ । ଦଳର ଏତେ ବଡ଼ବଡ଼ ନେତା ଥାଉଥାଉ ଦିଲ୍ଲୀ କଥା ବୁଝିବାକୁ ତାଙ୍କୁ ହିଁ ରାଜ୍ୟସଭା ପଠାଗଲା । ଏମିତିକି ସଂତୃପ୍ତଙ୍କୁ ଅଟକାଇବା ପାଇଁ ଦଳର ବରିଷ୍ଠ ନେତାମାନେ ବୁଲେଇବାଙ୍କେଇ ମନ୍ତବ୍ୟ ଦେଇଥିଲେ । କିନ୍ତୁ ନବୀନଙ୍କୁ ସେ କଥା ଜଣାଇବ କିଏ? ଡାକବାଲା ଚିଠି ଚିରିଦେବା ଭଳି ନବୀନ ବାବୁଙ୍କ ପାଖକୁ ଖବର ବି ଗଲାନି । ଶେଷକୁ କଟକୀ ବିଶ୍ୱାଳ ବାବୁ ହାଲାବୋଲ କରି ଦଳରୁ ବିଦା ହେବା ସାର ହେଲା । ଶଙ୍ଖୁଆ ଭକ୍ତମାନେ ବୁଝିବା ଦରକାର, ନବୀନଙ୍କ ଭକ୍ତ ପାଣ୍ଡିଆନ୍ ବି ଭିନ୍ନ ଅବତାରରେ ନବୀନ ନିବାସରେ ବିଜେ ହୋଇପାରନ୍ତି । ହନୁମାନ ଯେଉଁଠି ଥିଲେବି ଯେମିତି ଶ୍ରୀରାମଙ୍କର କଳିଜା ଥିଲେ, ଠିକ୍ ସେମିତି ପାଣ୍ଡିଆନ୍ ଯେଉଁଠି ଥିଲେବି ନବୀନଙ୍କ କଳିଜା ଭିତରେ ରହିଛନ୍ତି । ତେଣୁ କାନମୁଣ୍ଡା ଆଉଁସି ନୀରବ ନରହିଲେ ରାଜନୀତିକ ଭବିଷ୍ୟତ ଅନ୍ଧାର ହୋଇଯିବ...

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS